୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

Vol.27. No.230 Bhubaneswar Wednesday October 29 2025 | ୨୭ତମ ବର୍ଷ ସଂଖ୍ୟା–୨୩୦ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୯, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଆରମ୍ଭ ହେଲା 'ମୋନ୍ଥା'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା, ପବନ ଓ ଭୟଙ୍କର ବର୍ଷା ତାଣ୍ଡବରେ ଥରିଲା କାକିନାଡା

ଭୁବନେଶ୍ୱର,୨୮।୧୦(ପି.ଏନ): ଆରମ୍ଭ ହେଲା ଭୀଷଣ ବାତ୍ୟା 'ମୋନ୍ଥା'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା। ଆଇଏମଡି ପକ୍ଷରୁ ମିଳିଛି ବଡ଼ ସୂଚନା। ଆସନ୍ତା ୪ ଘଣ୍ଟା ଧରି ଜାରି ରହିବ ଏହି ପ୍ରକ୍ରିୟା। କାକିନାଡ଼ା ଦେଇ ଅତିକ୍ରମ କରୁଛି ବାତ୍ୟା 'ମୋନ୍ଥା'। ଲ୍ୟାଣ୍ଡଫଲ ବେଳେ ପବନର ଘଣ୍ଟା ପ୍ରତି ବେଗ ରହିଛି ୯୦ରୁ ୧୦୦ କିମି। ଝଟକା ପବନର ଘଣ୍ଟା ପ୍ରତି ବେଗ ରହିଛି ୧୧୦ କିମି ।ଘଣ୍ଟାକୁ ୧୫କିମି ବେଗରେ ଆଗକୁ ବଢୁଛି ବାତ୍ୟା। ମଚ୍ଛଲିପଟ୍ଟନମ ଠାରୁ ୫୦ କିମି ଦୂରରେ ରହିଛି ମୋନ୍ଥା । ଲ୍ୟାଣ୍ଡଫଲ ସହ ମୋନ୍ଥା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ମଛଲିପଟ୍ଟନମ ଓ କଳିଙ୍ଗପଟ୍ଟନମ ମଧ୍ୟରେ ଗତି କରି ଏହା କ୍ରମେ ଦୁର୍ବଳ ହେବ। କାକିନାଡା ଉପଡା ଅଞ୍ଚଳର ଦୃଶ୍ୟ ଭୟଙ୍କର ହୋଇପଡିଛି ।ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଏହି ଲ୍ୟାଣ୍ଡଫଲ୍ ଜୋନରେ ଏବେ ପହଞ୍ଚି ସାରିଛି ମୋନ୍ଥା। ଏଇଠି ଆଜି ସକାଳୁ ମଥା ପିଟୁଥିଲା ସମୁଦ୍ର ଢେଉ। ସବୁଠୁ ବଡ ଚ୍ୟାଲେଞ୍ଜ ହେଉଛି, କାକିନାଡାରେ ଧନ ଜୀବନ ସୁରକ୍ଷା। କାରଣ ଉପକୂଳରେ ରହିଛି ହଜାର ହଜାର ମତ୍ସ୍ୟଜୀବୀଙ୍କ ଘରଦ୍ୱାର। ବାତ୍ୟା ମାଡରେ ସବୁକିଛି ଉଜୁଡିଛି ବ?ଛି ଆଶଙ୍କା। ଏପରିକି ଉପକୂଳରେ ଲଙ୍ଗର ପକାଇଥିବା ବୋଟ୍ ସହ ଅନ୍ୟାନ୍ୟ ମାଛଧରା ଡଙ୍ଗା ବି କ୍ଷତିଗ୍ରସ୍ତ ହେଉଥିବାର ଜଣାପଡୁଛି। ତେଣୁ ଉପକୂଳବର୍ତ୍ତୀ ଅଞ୍ଚଳରେ ମାଇକରେ ଘନ ଘନ ପ୍ରଚାର ସହ ତୁରନ୍ତ ସୁରକ୍ଷିତ ସ୍ଥାନ ତଥା ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ଲୋକଙ୍କୁ ନିବେଦନ କରୁଥିଲା ସ୍ଥାନୀୟ ପ୍ରଶାସନ।

## କଟକ ବସୁନ୍ଧରା ଆଶ୍ରମରେ ଖୁସିର ମାହୋଲ, ୨୬ ବର୍ଷ ପରେ ଫେରିଛି ସୁନା ଝିଅ ସୁଧନ୍ୟା



ଭୁବନେଶ୍ୱର,୨୮।୧୦(ପି.ଏନ): ଯଶୋଦା ମାଆ ଆଖିରେ ଲୁହ । ହେଲେ ଏହା ଦୁଃଖର ନୁହେଁ ଖୁସିର । ବସୁନ୍ଧରାକୁ ଫେରିଛି ସୁନା ଝିଅ ସୁଧନ୍ୟା । ଖୁସିରେ ନାଚୁଛି କଟକ ବିଡ଼ାନାସୀ ସ୍ଥିତ ବସୁନ୍ଧର ଆଶ୍ରମ । ୨୬ ବର୍ଷ ପରେ ଝିଅ ଫେରିଥିବାରୁ ଖୁସିରେ ଆତ୍ମହରା ହୋଇ ପଡ଼ିଛନ୍ତି ଆଶ୍ରମର ପାଳିତ ମାଆ ଶୈଳ । ଆଖିରେ ଭାସି ଯାଇଛି ୧୯୯୪ର ସେହି ଦୃଶ୍ୟ । ୨ ମାସର ଝିଅକୁ ବେସାହାରା କରି ବସୁନ୍ଧରା ଦୁଆରେ ଛାଡ଼ି ଚାଲି ଯାଇଥିଲା ମାଆ । ସେହି କଅଁଳ ଶିଶୁର ହସ, କାନ୍ଦରେ ପୂରି ଉଠିଥିଲା ଆଶ୍ରମ ପରିସର । ୧୯୯୯ରେ ତାର ଭାଗ୍ୟ ବଦଳିଥିଲା । ଆମେରିକାର ଦମ୍ପତି ତାକୁ କୋଳେଇ ନେଇଥିଲେ । ୨୬ ବର୍ଷ ପରେ ବସୁନ୍ଧରାର ସୁଧନ୍ୟା ବିବାହ କରି ଆଜି ସ୍ୱାମୀ, ଶାଶୂ, ଶ୍ୱଶୁର, ମାଆଙ୍କ ସହ ନିଜ ଘରକୁ ଫେରିଛି । ଆମେରିକାର ସୁଡି ର ସ୍ୱାଗତ ପାଇଁ ଉତ୍ସବମୁଖର ହୋଇଛି ବସୁନ୍ଧରା ।ବସୁନ୍ଧରାର ସୁନା ଝିଅ ସୁଧନ୍ୟା ଓ ସ୍ୱାମୀ ହର୍ଷଙ୍କ ସ୍ୱାଗତ ପାଇଁ ସୁନ୍ଦର ଆଲୋକମାଳାରେ ଝଟକି ଉଠିଛି ବସୁନ୍ଧରା ଆଶ୍ରମ । ସମସ୍ତେ ମିଶି ସେମାନଙ୍କ ପ୍ରଥମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ବସୁନ୍ଧରାରେ ମାଆ ଓ ନିଜ ଭାଇ, ଭଉଣୀଙ୍କୁ ଦେଖି ସୁଧନ୍ୟା ଓ ତାଙ୍କ ସ୍ୱାମୀ ବି ଖୁସି । ଉଭୟ ପରିବାରର ସମ୍ପର୍କୀୟ ଓ ଅତିଥି ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପହାର ଦେଇଛନ୍ତି । ସୁଡି ଖାଲି ସ୍ୱାମୀ ଡ. ହର୍ଷଙ୍କ ସହ ଫେରିନି, ଏହାରି ଭିତରେ ସେ ମାଆ ହେବାକୁ ଯାଉଛି । ଏଥିପାଇଁ ସମସ୍ତଙ୍କ ମନରେ ଡବଲ ଖୁସି । ସମସ୍ତେ ମିଶି ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଇଚ୍ଛା କରିଛନ୍ତି । ବିବାହର ପୁରୁଣା ସ୍ମୃତିକୁ ମନେ ପକେଇବା ପାଇଁ ସୁଧନ୍ୟା ଏବଂ ହର୍ଷ ପରସ୍ପରକୁ ଅତିଥିଙ୍କ ଗହଣରେ ବରଣମାଳା ପିନ୍ଧାଇବା ସହ ଖୁସି ବାଣ୍ଟିଥିଲେ । ଭବିଷ୍ୟତରେ ବସୁନ୍ଧରାକୁ ସହଯୋଗର ହାତ ବଢ଼ାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

## ୩୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ ସହ ୭ ଗିରଫ



ଭୁବନେଶ୍ୱର,୨୮।୧୦(ପି.ଏନ): ବୋଲଗଡ଼ ପୋଲିସକୁ ବଡ଼ ସଫଳତା । ବ୍ରାଉନସୁଗାର କାରବାର ଉପରେ ଶକ୍ତ ପ୍ରହାର। ଦଲେଇସାହି ମାଣିକାଗଡ଼ା ଗ୍ରାମରେ ଏକ ଘରୁ ଚଢ଼ାଉ କରି ୩୧୪ ଗ୍ରାମ ବ୍ରାଉନସୁଗର ଜବତ କରିଛନ୍ତି। ଏଥି ସହିତ ନଗଦ ୪ ଲକ୍ଷ ଟଙ୍କା, ୫ ଗୋଟି ଗାଡ଼ି ଏବଂ ଗୋଟିଏ ବନ୍ଧୁକ ମଧ ଜବତ ହୋଇଛି। ଜବତ ବ୍ରାଉନସୁଗାର ଅନୁମାନିକ ମୂଲ୍ୟ ୩ କୋଟି ୨୯ ଲକ୍ଷ ଟଙ୍କା ହେବା ବୋଲି ଜଣାପଡିଛି ।ଏହି ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ୭ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ପ୍ରକାଶ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅଭିଯୁକ୍ତମାନେ ବ୍ରାଉନସୁଗର ମାଣିକାଗଡା ଗ୍ରାମ ସ୍ଥିତ ଏକ ଘରେ ରଖି କାରବାର କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ଥିଲା ।ଏହାକୁ ନେଇ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଘରେ ଅଚାନକ ଚଢ଼ାଉ କରିଥିଲା। ଘର ଭିତରୁ ୩୧୪ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିବା ବେଳେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦିବ୍ୟାଙ୍ଗଙ୍କୁ ସରକାରଙ୍କ ଅଣଦେଖା !, ମିଳୁନି ସରକାରୀ ସହାୟତା



ଭୁବନେଶ୍ୱର,୨୮।୧୦(ପି.ଏନ): ଆଖିରେ ଆଖିଏ ସ୍ୱପ୍ନ । ପାଠ ପଢିବି ଆଉ ବଡ ମଣିଷ ହେବି । ହେଲେ ଆଖିକୁ ଠିକ ଭାବେ ଦେଖାଯାଉ ନଥିବାରୁ ପାଠପଢାରେ ସୃଷ୍ଟି ହେଉଛି ବ୍ୟାଘାତ । ଇଏ ହେଉଛନ୍ତି ରାୟଗଡା ସଦର ବ୍ଲକ ଡାଙ୍ଗଲୋଡି ଗାଁର ଡ୍ରିମ୍ବା କାଡ୍ରାକାଙ୍କ ୧୩ ବର୍ଷ ବୟସ୍କ ପୁଅ ବାବୁଲା କାଡ୍ରାକା । ବାବୁଲାର ଡାହାଣ ଆଖିକୁ ଜମା ଦେଖାଯାଉନଥିବା ବେଳେ ବାମ ଆଖିକୁ ମଧ ଠିକସେ ଦେଖାଯାଉନି । ଖାଲି ସେତିକି ନୁହଁ ସେ ଭଲସେ ଶୁଣିପାରୁନାହାନ୍ତି କି କଥା ବି କହିପାରୁନାହାନ୍ତି । ତାଙ୍କର ଭିନ୍ନକ୍ଷମ ପ୍ରମାଣ ପତ୍ର ଅଛି । ସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇବାକୁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ସୁଦ୍ଧା ତାଙ୍କୁ କୌଣସି ସରକାରୀ ସହାୟତା ମିଳୁନି । ୩୫ ଶହ ଟଙ୍କା ବର୍ଦ୍ଧିତ ଭତ୍ତା ପାଇଁ ବାବୁଲାଙ୍କ ବାପା ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ବାବୁଲାଙ୍କ ପାଠପଢା ପ୍ରତି ଅହେତୁକ ଦୁର୍ବଳତା ରହିଥିଲେ ସୁଦ୍ଧା ଆଖିକୁ ଠିକ୍ ଭାବେ ଦେଖାଯାଉନଥିବାରୁ ସେ ପାଠପଢି ପାରୁନାହାନ୍ତି । ବାପା କୁଲି ମଜୁରୀ କରି ୪ ପ୍ରାଣୀ କୁଟୁମ୍ବଙ୍କୁ ଚଳାଉଥିବା ବେଳେ ପୁଅର ଚିକିତ୍ସା କରିବା ତାଙ୍କ ପକ୍ଷେ ମୁସ୍କିଲ ହୋଇପଡୁଛି । ଅନ୍ୟପଟେ ବାବୁଲାକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି ବିଡିଓ । କେବଳ ବାବୁଲା ନୁହଁନ୍ତି ରାୟଗଡା ଜିଲ୍ଲାର ଅନେକ ଭିନ୍ନକ୍ଷମ ସରକାରୀ ସହାୟତା ନପାଇ ଏବେ ବାରଦୁଆର ହେଉଥିବା ଅଭିଯୋଗ ହୋଇଛି ।

### ବାତ୍ୟା ପ୍ରଭାବରେ କାଳିଜାଇ ପୀଠରେ ମାଡ ହେଉଛି ଚିଲିକାର ଜଳରାଶି

ବ୍ୟୁରୋ : ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଅବପାତରେ ପରିଣତ ହୋଇ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶ ମୁହାଁ ହୋଇଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ପ୍ରବଳ ବର୍ଷା ଏବଂ ପବନ ବୋହିବାର ଆଶଙ୍କା ରହିଛି। ଏହି ବାତ୍ୟା ମୋନ୍ଥା ପ୍ରଭାବ ଚିଲିକାରେ ଦେଖିବାକୁ ମିଳିଛି। ଚିଲିକା ବର୍ତ୍ତମାନ ଅଶାନ୍ତ ହୋଇପଡିଛି। ସୁ ସୁ ପବନ ସହିତ ବର୍ଷା ମଧ ଲାଗିରହିଛି। ଚିଲିକା ମଧ୍ୟରେ ଥିବା କାଳିଜାଇ ପୀଠ ସମ୍ପୂର୍ଣ୍ଣ ଜନଶୂନ୍ୟ ରହିଛି। ଚିଲିକା ଜଳରାଶି ଲହଡ଼ିକାଳିଜାଇ ପୀଠରେ ତୁହାକୁ ତୁହା ମାଡ ହୋଇଛି। ଚିଲିକା ମଧ୍ୟକୁ କୌଣସି ଡ଼ଙ୍ଗା ନ ଯିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।.

## କୁଆଖାଇ ନଦୀକୂଳରେ ଛଟପୂଜା : ସାମିଲ ହେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର,୨୮।୧୦(ପି.ଏନ): ଭୁବନେଶ୍ୱରରେ ଛଟ ପୂଜା ପାଳିତ। କୁଆଖାଇ ନଦୀକୂଳରେ ଆୟୋଜିତ ଛଠ୍‌ପୂଜାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଉଦୟମାନ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିଥିଲେ । ସେ ଏହି ପର୍ବରେ ଯୋଗ ଦେବା ସହିତ ଶ୍ରଦ୍ଧାଳୁମାନଙ୍କର ମନରେ ଉତ୍ସାହ ଆଣିଥିଲେ। ଏହା ସୂର୍ଯ୍ୟଦେବ ଓ ଛଟୀ ମୈୟାଙ୍କୁ ପୂଜା କରିବାର ଏକ ଅବସର। ମା'ମାନେ ଏହି ବ୍ରତ ପାଳନ କରି ପରିବାର ସୁସ୍ଥତା, ସୁଖ, ସମୃଦ୍ଧି ଓ ପରିବେଶର ସୁରକ୍ଷା କାମନା କରନ୍ତି। ଏହି ବ୍ରତର ବିଶେଷତା ହେଉଛି, କୌଣସି ବିରାଟ ଆଡମ୍ବରର ଆବଶ୍ୟକତା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେବଳ ଭକ୍ତି, ଶ୍ରଦ୍ଧା ଓ ନିଷ୍ଠାରେ ଏହାକୁ ଶ୍ରଦ୍ଧାଳୁମାନେ ପାଳନ କରୁଛନ୍ତି। ବିଶ୍ୱର କୋଣଅନୁକୋଣରେ ଏହି କାର୍ଯ୍ୟକ୍ରମ ପାଳିତ ହେଉଛି। ଗତ ୪ଦିନ ଧରି ଏହି ବ୍ରତ ଆରମ୍ଭ ହୋଇଛି। ଆଜି ହେଉଛି ତାର ଅନ୍ତିମ ଦିନ। ଆଜି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଏହି ବ୍ରତ ଶ୍ରଦ୍ଧାଳୁମାନେ ସମାପନ କରିଛନ୍ତି।

## ବାତ୍ୟା ମୋନ୍ଥା ପାଇଁ ଆସନ୍ତାକାଲି ନନ୍ଦନକାନନ ବନ୍ଦ

ଭୁବନେଶ୍ୱର: ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଉପକଣ୍ଠରେ ଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅକ୍ଟୋବର ୨୯ ଦିନ ବନ୍ଦ ରହିବ। ଏନେଇ ମଙ୍ଗଳବାର ଦିନ ଅଧିକାରୀମାନେ ସୂଚନା ଦେଇଛନ୍ତି ।ବାତ୍ୟା ପ୍ରଭାବରେ ଖୋର୍ଦ୍ଧା ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ପବନ ବହିବାର ସମ୍ଭାବନା ଥିବାରୁ ଚିଡ଼ିଆଖାନାକୁ ହାଇ ଆଲର୍ଟରେ ରଖାଯାଇଛି। ଏଥିସହିତ ଏକ ୨୪ ଘଣ୍ଟା ନିୟନ୍ତ୍ରଣ କକ୍ଷ ମଧ ରଖାଯାଇଛି ଏବଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପାର୍କ ପରିସର ମଧ୍ୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରାଣୀ, ପର୍ଯ୍ୟଟକ ଏବଂ ପାର୍କ ଭିତ୍ତିଭୂମିର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେବେ ମାଂସାହାରୀ ଏବଂ ସମ୍ବେଦନଶୀଳ ପ୍ରଜାତିଗୁଡ଼ିକୁ ରାତ୍ରି ଆଶ୍ରୟସ୍ଥଳରେ ସୁରକ୍ଷିତ ରଖାଯାଇଥିବା ବେଳେ ପକ୍ଷୀ ରହୁଥିବା ସ୍ଥାନ ଗୁଡିକ ଘୋଡାଇ ଦିଆଯିବା ସହ ମଜବୁତ କରି ଦିଆଯାଇଛି। ଏଥିସହିତ ଆଣ୍ଟି-ଷ୍ଟ୍ରେସ୍ ଫର୍ମୁଲେସନ୍ ଏବଂ ଆଣ୍ଟି-ଭେନମ୍ ସମେତ ପର୍ଯ୍ୟାପ୍ତ ଖାଦ୍ୟ, ଔଷଧ ଏବଂ ଜରୁରୀକାଳୀନ ପଶୁ ଚିକିତ୍ସା ସାମଗ୍ରୀ ମହଜୁଦ ରଖାଯାଇଛି ।ତେବେ ସତର୍କତା ମୂଳକ ପଦକ୍ଷେପ ନିଆଯାଇ କିଛି ଗଛ ମାନଙ୍କର ଡାଳ ଗୁଡ଼ିକୁ କାଟି ଦିଆଯାଇଛି ଓ ପାୱାର ବ୍ୟାକ୍-ଅପ୍, ପାଣି ଏବଂ ଜରୁରୀକାଳୀନ ଆଲୋକୀକରଣ ଗୁଡ଼ିକ ବ୍ୟବସ୍ଥିତ କରାଯାଇଛି। ଏହା ବ୍ୟତୀତ ପାର୍କ ସାରା ମୋବାଇଲ୍ ରେସପନ୍ସ ଟିମ୍ ମଧ ମୁତୟନ କରାଯିବା ସହ ଜରୁରୀକାଳୀନ ଉପକରଣର ଯାଞ୍ଚ ସହିତ ମକ୍ ଡ୍ରିଲ୍ ମଧ କରାଯାଇଛି। ଆବଶ୍ୟକୀୟ ପରିସ୍ଥିତି ପାଇଁ କର୍ତ୍ତୃପକ୍ଷ ପୋଲିସ, ଅଗ୍ନିଶମ ସେବା, ବିଦ୍ୟୁତ୍ ବିଭାଗ ଏବଂ ଡିସ୍କମ୍ ସହିତ ଘନିଷ୍ଠ ସମନ୍ୱୟରେ ଅଛନ୍ତି ।ତେବେ ବାତ୍ୟା ପରେ ପଶୁମାନଙ୍କର ସୁରକ୍ଷାକୁ ଦୃଷ୍ଟି ରେ ରଖି ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକୁ ହଟାଇବା, ଜଳ ବ୍ୟବସ୍ଥା ପୁନରୁଦ୍ଧାର କରିବା ଏବଂ ଭଗ୍ନାବଶେଷ ସଫା କରିବା ଇତ୍ୟାଦି କାର୍ଯ୍ୟ କରାଯିବା ନେଇ ପାର୍କ କର୍ତ୍ତୃପକ୍ଷ କହିଛନ୍ତି ।

## ସରିଲା ଛଟ ପୂଜା, ଶେଷଦିନରେ ଉଦୀତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କଲେ ବିହାରୀ ଭାଷାଭାଷୀ ଲୋକେ



ଭୁବନେଶ୍ୱର,୨୮।୧୦(ପି.ଏନ): ଭକ୍ତି, ଶ୍ରଦ୍ଧା ଓ ନିଷ୍ଠାର ଉତ୍ସବ ଛଟ୍ । ସୂର୍ଯ୍ୟଦେବ ଓ ଛଟୀ ମୟାଙ୍କୁ ଶ୍ରଦ୍ଧାଳୁ ଦେଲେ ନୈବେଦ୍ୟ । ଭୁବନେଶ୍ୱର କୁଆଖାଇ ବାଲିଯାତ୍ରା ପଡ଼ିଆରେ ସକାଳୁ ସକାଳୁ ଜମିଲା ଭିଡ଼ । ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କଲେ ବିହାରୀ ଭାଷାଭାଷୀ ଶ୍ରଦ୍ଧାଳୁ । ସୂର୍ଯ୍ୟଦେବ ଓ ଛଟୀ ମେୟାଙ୍କୁ ପୂଜା କରି ଆଶିଷ ଗ୍ରହଣ କରିଛନ୍ତି ସଭିଏ । ଏଥିପାଇଁ କୁଆଖାଇ ନଦୀ ପଠାରେ ବିଶ୍ୱାସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା ଭବ୍ୟ ଉତ୍ସବ । ମାଆ ମାନେ ଏହି ବ୍ରତ ପାଳନ କରି ପରିବାର ସୁସ୍ଥତା, ସୁଖ, ସମୃଦ୍ଧି, ସୁରକ୍ଷା କାମନା କରିଛନ୍ତି । ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଅଧିବାସୀମାନେ ଏକାଠି ହୋଇ ଏହି ଉତ୍ସବକୁ ପାଳନ କରିଥିବାବେଳେ ଏଥିରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ରାଉରକେଲା ସହରର ବିଭିନ୍ନ ନଦୀ କୂଳ ଓ ପୋଖରୀ କୂଳରେ ଭକ୍ତମାନେ ଆଜି ସକାଳେ ଶ୍ରଦ୍ଧା ଓ ନିଷ୍ଠାର ସହ ଛଟପୂଜା ପାଳନ କରିଛନ୍ତି । ଭକ୍ତମାନେ ଆଜି ଉଦିତ ସୂର୍ଯ୍ୟ ଦେବତାଙ୍କୁ ପୁଜାର୍ଚ୍ଚନା କରିଛନ୍ତି । ଗତକାଲି ସନ୍ଧ୍ୟାରେ ଭକ୍ତମାନେ ବିଭିନ୍ନ ଫଳମୂଳ ଆଣି ଅସ୍ତ ଗାମୀ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ବିଦାୟ ଜଣାଇଥିଲେ । ଏଥିପାଇଁ କୋଏଲ ନଦୀ ଓ ବ୍ରାହ୍ମଣୀ ନଦୀ କୂଳ ସହ ଶଙ୍ଖ ନଦୀ କୂଳ ଓ ପୋଖରୀ କୂଳରେ ଜମିଥିଲା ଭିଡ଼ । ଗତ ୪ଦିନ ଧରି ଏହି ବ୍ରତ ଆରମ୍ଭ ହୋଇଥିବା ଏହି ପୂଜାର ଶେଷ ଦିନରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି ଶ୍ରଦ୍ଧାଳୁ ।

## ଫୁଲୁଛି ବାହୁଦା ନଦୀ, ଖୋଲିଲା ବାଘଲଟି ଡ୍ୟାମର ତିନୋଟି ଗେଟ୍



ଭୁବନେଶ୍ୱର,୨୮।୧୦(ପି.ଏନ): ଗଞ୍ଜାମ ଜିଲ୍ଲା ଚିକିଟି ବାହୁଦା ନଦୀରେ ଫୁଲୁଛି ଜଳସ୍ତର । ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବାଘଲଟି ଡ୍ୟାମର ତିନୋଟି ଗେଟ ଖୋଲିଛି । ଜଳଭଣ୍ଡାରରୁ ସକାଳ ୯ ଘଣ୍ଟା ବେଳେ ଉପରମୁଣ୍ଡରୁ ୨୦୦ କ୍ୟୁସେକ ପାଣି ଆସୁଥିବା ବେଳେ ୩ଟି ଗେଟ ଖୋଲି ବର୍ଷା ଜଳ ୧୫୦ କ୍ୟୁସେକ ଜଳ ବାହୁଦା ନଦୀକୁ ଛଡା ଯାଇଥିବା ସୂଚନା ମିଳିଛି । ନୂଆପଡା ତଥା ଆଖପାଖ ଅଞ୍ଚଳର ସମସ୍ତ ଜନସାଧରଣଙ୍କୁ ସତର୍କ କରାଯାଇଛି । ନଦୀର ତଳ ମୁଣ୍ଡରେ ଥିବା ଗ୍ରାମ ଗୁଡିକରେ ବନ୍ୟା ଗ୍ରାମକୁ ପ୍ରବେଶ କରିପାରେ ବୋଲି ସତର୍କ କରାଯାଇଛି । ତେବେ ଜମିରେ ଅଣ୍ଟାଏ ଲେଖାଏଁ ପାଣି ପଶି ଧାନ ସଫଲ ସମ୍ପୂର୍ଣ୍ଣ ବୁଡି ରହିଛି ।

## ଚାଷୀଙ୍କୁ ମିଳୁନି ଆଳୁ, ଅଳିଆ ଗଦାରେ ପଡିଛି କୁଢକୁଢ ପଚା ଆଳୁ



ଭୁବନେଶ୍ୱର,୨୮।୧୦(ପି.ଏନ): ଚାଷୀଙ୍କୁ ମିଳୁନି ଆଳୁ । ଅଳିଆ ଗଦାରେ ଫିଙ୍ଗା ହୋଇଛି କୁଢକୁଢ ଆଳୁ ବିହନ । ବିହନ ଯୋଗାଣକାରୀ ସଂସ୍ଥା ଓ ଉଦ୍ୟାନ ବିଭାଗର ମଧୁଚନ୍ଦ୍ରିକା ଅଭିଯୋଗ । କନ୍ଧମାଳ ଜିଲ୍ଲାରେ ଫେଲ ମାରିଛି ଆଳୁ ମିଶନ ଯୋଜନା ।ଙ୍କ ଚଳିତ ଥର ଖରିଫ ଋତୁରେ କନ୍ଧମାଳ ଜିଲ୍ଲାର ହଜାର ହଜାର ଚାଷୀ ଆଳୁ ଚାଷ କରିବା ପାଇଁ ସରକାରୀ ବିହନ ଉପରେ ଭରସା କରିଥିଲେ । ହେଲେ ଉଦ୍ୟାନ ବିଭାଗକୁ ଆସିଥିବା ଟ୍ରକ ଟ୍ରକ ଆଳୁ ଚାଷୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଅଳିଆ ଗଦାରେ ଫୋପଡା ଯାଇଛି । ବିହନ ନପାଇ ହଜାର ହଜାର ଚାଷୀ ଚାଷରୁ ବାଦ ପଡିଛନ୍ତି । ଆଉ କିଛି ବାହାରୁ ଚଢା ଦରରେ ବିହନ କିଣି ଶୋଷଣର ଶିକାର ହୋଇଛନ୍ତି । ହେଲେ ସରକାର ନିଦାବିଷ୍ଟ ସାଜିଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ଚଳିତ ଥର ୨ ହଜାର ହେକ୍ଟରରୁ ଅଧିକ ଜମିରେ ଆଳୁ ଚାଷ କରାଯିବା ନେଇ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାକୁ ଆଖି ଆଗରେ ରଖି ଗତ ୨ ତାରିଖରେ ବିହନ ଯୋଗାଣକାରୀ ସଂସ୍ଥା ଠାରୁ ଛଅ ଶହ ବସ୍ତା ବିହନ ଆଳୁ ଆଣିଥିଲା ଜିଲ୍ଲା ଉଦ୍ୟାନ ବିଭାଗ । ହେଲେ ତାହା ଚାଷୀଙ୍କୁ ବଣ୍ଟନ କରାଗଲାନି । ଏବେ ୫ ଶହରୁ ଊର୍ଦ୍ଧ୍ୱ ବସ୍ତା ଆଳୁ ବିହନ ପଚି ନଷ୍ଟ ହୋଇଯିବାରୁ ତାକୁ ଅଳିଆ ଗଦାରେ ଫିଙ୍ଗା ଯାଇଛି । ଏଠି ପ୍ରଶ୍ନ ଉଠୁଛି- ବିଭାଗ କାହିଁକି ଜାଣିଶୁଣି ଖରାପ ବିହନ ଆଳୁ ଆଣିଲା ? ନିମ୍ନ ମାନର ବିହନ ଜାଣିବା ସତ୍ତ୍ୱ ? କିପରି ଯୋଗାଣକାରୀ ସଂସ୍ଥାକୁ ଦିଆଗଲା ଆବଶ୍ୟକୀୟ ପେମେଣ୍ଟ ? ରାଜ୍ୟରେ ଆଳୁ ସଙ୍କଟ ରହିବନି ବୋଲି ବୟାନ ଦେଇଥିଲେ ଯୋଗାଣ ମନ୍ତ୍ରୀ । ହେଲେ ଏବେ କନ୍ଧମାଳରେ ବିହନ ଅଭାବରୁ ଅନେକ ଚାଷୀ ଚାଷରୁ ବାଦ ପଡିଛନ୍ତି । ଚାଷୀଙ୍କ ପେଟକୁ ଲାତ ମାରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ତ ? ଆଳୁ ଚାଷରୁ ବାଦ ପଡିଥିବା ଚାଷୀଙ୍କୁ ଦିଆଯିବ ତ ଆର୍ଥିକ ସହାୟତା ?

## ବାତ୍ୟା 'ମୋନ୍ଥା'କୁ ଭୟ କରନ୍ତୁ ନାହିଁ, ସତର୍କ ରୁହନ୍ତୁ : ନବୀନ





ଭୁବନେଶ୍ୱର,୨୮।୧୦(ପି.ଏନ): ବାତ୍ୟା 'ମୋନ୍ଥା'କୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଲୋକଙ୍କୁ ସତର୍କ ରହିବାକୁ କହିଛନ୍ତି । ସେ କହିଛନ୍ତି ଆପଣ ଜାଣନ୍ତି ବାତ୍ୟା ମୋନ୍ଥା ଆସୁଛି । ଆଗରୁ ଆମେ ଅନେକ ବାତ୍ୟାର ସଫଳ ମୁକାବିଲା କରିଛେ । ତେଣୁ ଭୟ କରନ୍ତୁ ନାହିଁ । ସତର୍କ ରୁହନ୍ତୁ ।ପ୍ରଶାସନକୁ ପୂରା ସହଯୋଗ କରନ୍ତୁ ବୋଲି ଓଡ଼ିଶାବାସୀଙ୍କୁ ଅପିଲ କରିଛନ୍ତି । ବାତ୍ୟା ମୋନ୍ଥା ଆସୁଥିବାରୁ ନବୀନ ରାଜ୍ୟବାସୀଙ୍କୁ ଏହି ବାର୍ତ୍ତା ଦେଇଛନ୍ତି ।ଆମର ବିଜେଡି କର୍ମୀ ଭାଇ ଭଉଣୀମାନଙ୍କୁ ମୋର ଅନୁରୋଧ ଏ ବିପଦ ସମୟରେ ଲୋକଙ୍କ ସହ ରୁହନ୍ତୁ । ଲୋକଙ୍କୁ ସହାୟତା ଯୋଗାଇ ଦିଅନ୍ତୁ । ଆମେ ସବୁବେଳେ ସମସ୍ତେ ଏକାଠି ମିଶି ବିଭିନ୍ନ ବିପର୍ଯ୍ୟୟରର ମୁକାବିଲା କରି ଆସୁଛେ । ଏଥର ମଧ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୨୯

# ଆର୍ଯ୍ୟ ମାନବ ଜୀବନାଦର୍ଶ ଓ ଜୀବନାଚର୍ଯ୍ୟା



ଦେବଦ୍ୟୁତି ସ୍ୱାଇଁ

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ । ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି । ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ । ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର । ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ । ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି । ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧ୍ୟାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ । ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ । ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି । କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ ।

ଆମ ମାତୃଭୂମି ଭାରତ ହେଉଛି ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ପବିତ୍ର ଭୂମି । ଆମ୍ଭେ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାବୃନ୍ଦ ମାନବ ଜୀବନର ପରମ ଉଦ୍ଧାତା ଯୁଗାବତାର ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ଉଦବୃଦ୍ଧ ହୋଇ ଭଗବତ ପ୍ରେରଣାବଳରେ ଅତୀତ ଆର୍ଯ୍ୟାବତାର ଜୀବନ ଧାରାକୁ ଅନୁଭବ କରି ତଦନୁରୂପ ଭାବରେ ତାହାର ସମ୍ୟକ ରୂପରେଖକୁ ଅଧୁନାତନ ଯୁବ ସମାଜ ଓ ବ୍ୟକ୍ତିବିଶେଷଙ୍କର ଜୀବନରେ ପ୍ରତିଫଳିତ କରିବାର ବଳିଷ୍ଠ ଆଶା ରଖି ଅନୁରୂପ ଭାବଧାରା ପରିବେଶଣ କରିଆସୁଛୁ ଏବଂ ଆଶା କରୁକି ଉଦଭ୍ରାନ୍ତ ଯୁବ ସମାଜ ଏହି ଭାବ ଧାରାକୁ ଅନୁସରଣ କରି ଅତୀତ ଗୌରବ ଆର୍ଯ୍ୟାବ୍ରତ ପ୍ରତି ଆକର୍ଷିତ ହୋଇ ବର୍ତ୍ତମାନର ପୁରୁଷୋତ୍ତମଙ୍କୁ ଆଦର୍ଶ ବୋଲି ମାନିନିଅନ୍ତୁ ଯାହାଫଳରେ ସେମାନଙ୍କର ଜୀବନ ଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିବାର ନିଶ୍ଚିନ୍ତ ସୁଯୋଗ ମିଳିବ । ସାଧୁହେଲେ ସାଧୁ ଚିନ୍ତା ମନକୁ ଆସେ, ସାଧୁ ସାଜିଲେ ବ୍ୟର୍ଥ ଯୋଜନା ମନକୁ ଆସେ । ସ୍ୱାର୍ଥ ସାଧନ ପାଇଁ ସାଧୁମାନେ କେବଳ ସାବଧାନ ହୋଇ ଅଗ୍ରଗତି କରନ୍ତି । ଉଚ୍ଚ ଆଦର୍ଶକୁ ଆଦରି ନିଅନ୍ତି । ଗୁରୁ ମନ୍ତ୍ରରେ ଶକ୍ତି ଅନୁଭବ କରି ସାରା ପରିବାରର ଉନ୍ନତି ସାଧନ କରିପାରନ୍ତି । ପରିବାର ମଧ୍ୟରେ ଭଗବାନ ଏବଂ ଭଗବତୀ ପରି ପିତାମାତା ପୂଜା ପାଇବାକଥା । ଯାହା ଆର୍ଯ୍ୟାବର୍ତ୍ତର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥିଲେ । ସେହିପରି ପୂଜ୍ୟ ପୂଜାର କାର୍ଯ୍ୟକ୍ରମକୁ ଜୀବନ୍ତ କରିବାକୁ ଆମ୍ଭେ ପୁରୁଷୋତ୍ତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମର ସଭ୍ୟ ସଭ୍ୟା ବୃନ୍ଦ ପୂଜ୍ୟ ପୂଜାର ପ୍ରକରଣ ଧାରାକୁ ଧାରା ବାହିତ ଭାବରେ ଗତ ଚବିଶ ବର୍ଷ ହେବ ମହାସମରରେ ପରିବେଷଣ କରି ଆସୁଥିବାବେଳେ କାର୍ଯ୍ୟକ୍ରମର ରୌପ୍ୟ ଜୟନ୍ତୀକୁ ଶୁଭଶ୍ରୀ ପ୍ରଦାନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ । ଆସନ୍ତା ଅଗଷ୍ଟ ଅଠେଇଶ ତାରିଖ ଗୁରୁବାର ଦିନ କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷ ସୁନାମଧନ୍ୟ ଚିକିତ୍ସକ ପ୍ରଫେସର ଡାକ୍ତର ଅକ୍ଷୟ କୁମାର ମିଶ୍ରଙ୍କୁ ଆର୍ଯ୍ୟଶ୍ରୀ ସମ୍ମାନରେ ପଚିଶତମ ସ୍ୱସ୍ତିସେବା ସମ୍ମାନ ପ୍ରଦାନ କରାଯିବ ଓ ଶ୍ରୀ ଶ୍ରୀ ଠାକୁରଙ୍କ ଆଦର୍ଶ ଭାବଧାରାରେ ଆର୍ଯ୍ୟ ମାନବ ଜୀବନଦର୍ଶ ଓ ଜୀବନଚର୍ଯ୍ୟା ଉପରେ ଆଧାରିତ ପ୍ରତିଯୋଗୀତାମୂଳକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ପୂଜ୍ୟପୂଜା ଧାରାରେ ସାଧୁସନ୍ଥ, ଶିକ୍ଷାବିତ, ଆଧ୍ୟାତ୍ମବାଦୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ।

ଭଗବାନଙ୍କୁ ଜାଣିବାରେ ବ୍ୟକ୍ତି ଜୀବନ ସାର୍ଥକତା ଲାଭ କରେ । ଜୀବନର ଉଦ୍ଦେଶ୍ୟ ଯେହେତୁ ଭଗବାନଙ୍କୁ ଜାଣିବା ତେଣୁ ପ୍ରଥମ ପର୍ଯ୍ୟାୟରେ ସେ ଭଗବାନଙ୍କୁ ଜାଣିପାରିବାର ସୁଯୋଗ ପାଇଲେ ପରବର୍ତ୍ତୀ ଜୀବନଟି ଶୃଙ୍ଖଳିତ ହୁଏ । ଏହା ନିଶ୍ଚିନ୍ତ ସତ୍ୟ ପ୍ରତ୍ୟେକ ପ୍ରାଣୀ ଅନ୍ତରରେ ଭଗବାନ ଅଛନ୍ତି ଏବଂ ସୁପ୍ତ ଭାବରେ ଅଛନ୍ତି । ଭଗବତବିଚ୍ଛେଦ ହିଁ ସକଳ ମାନବୀୟ ଦୁଃଖ-ଦୁର୍ଦ୍ଦଶାର ମୂଳକାରଣ, ସମସ୍ତ ମାନୁଷୀ ସମସ୍ୟାର ହେତୁ । ସେହି ବିଚ୍ଛେଦ ବା ବିଭାଗ ହିଁ ବନ୍ଧନ ଆଣିଦିଏ । ଯୋଗଦ୍ୱାରା, ଭକ୍ତି ଦ୍ୱାରା, ଜ୍ଞାନଦ୍ୱାରା, ବିଚାରଦ୍ୱାରା, ବିବେକଦ୍ୱାରା, ସାଧନାଦ୍ୱାରା, ସେହି ବିଚ୍ଛେଦର, ସେହି ତୁଟା-ସମ୍ପର୍କର ଅବସାନ ଘଟାନ୍ତୁ । ଭଗବତ ଅନନ୍ୟତାର, ଭଗବତ ସାନିଧ୍ୟର, ସେହି ପରମସୁଖଦାୟୀ ଅବସ୍ଥାକୁ ସର୍ବଦା ଅତୁଟ କରି ରଖିବାକୁ ନିଷ୍ଠାର ସହିତ, ଐକାନ୍ତିକତାର ସହିତ ଉଦ୍ୟମ କରି କରି ସଂସାରଦୁଃଖକୁ ଅତିକ୍ରମ କରିଯାଆନ୍ତୁ; ଅଜ୍ଞାନ ଅନ୍ଧକାରକୁ ବିନାଶ କରି, ବନ୍ଧନରୁ ମୁକ୍ତ ହୋଇ ପରମଦିବ୍ୟଜ୍ଞାନର ଆଲୋକ ନିକଟକୁ ଚାଲି ଆସନ୍ତୁ । ତାହା ହିଁ ବିଜ୍ଞତା । ଆଜି ଏହି ଶୁଭକ୍ଷଣରୁ ସେହି ବିଜ୍ଞତାର ପଥ ଧରିନିଅନ୍ତୁ । ଆପଣ ପରମାନନ୍ଦ ପାଇବେ । ପରମେଶ୍ୱର ଆପଣଙ୍କର ସାଧନାକୁ ସାଫଲ୍ୟମଣ୍ଡିତ କରନ୍ତୁ । ଗୁରୁଦେବଙ୍କ ଆଶୀର୍ବାଦରେ ଆପଣଙ୍କର ଅଭିଳାଷ, ଆପଣଙ୍କର ସତକାମନା ପରିପୂର୍ଣ୍ଣ ହେଉ । ଯାହା ଜୀବନକୁ ସୁଖ ଏବଂ ନୀତିନିଷ୍ଠ କରିଥାଏ ତାହା ହିଁ ଧର୍ମ । ମଣିଷ ନିଜ ଧର୍ମ ପ୍ରତି ନିଷ୍ଠାବାନ ରହିବା ଉଚିତ ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି । କର୍ତ୍ତବ୍ୟ ନିର୍ବାହରେ ଯଦି ପ୍ରାଣ ତ୍ୟାଗ କରିବାକୁ ହେଲା, ତେବେ ମଧ୍ୟ ପଶ୍ଚାତ୍‌ପଦ ହେବାର ନାହିଁ । ଅନ୍ୟର କର୍ତ୍ତବ୍ୟ ନିର୍ବାହରେ ବିଘ୍ନ ଘଟାଇବା ବି ଅନୁଚିତ । ମଣିଷ ନୈତିକ କର୍ତ୍ତବ୍ୟ ପାଳନ କରିବା ହିଁ ଧର୍ମ । ଭଗବତ୍ ଗୀତାରେ ଯେଉଁଠାରେ ମଧ୍ୟ ଧର୍ମ ଶବ୍ଦର ଉଲ୍ଲେଖ କରାଯାଇଛି – ତାହାର ଅର୍ଥ ରହିଛି କର୍ତ୍ତବ୍ୟ ନିର୍ବାହ କରିବା । ତେଣୁ କର୍ତ୍ତବ୍ୟ ହିଁ ଧର୍ମ ଏବଂ କର୍ତ୍ତବ୍ୟ ପାଳନ କରୁଥିବା ବ୍ୟକ୍ତି ଧାର୍ମିକଂ ।

ସାଧାରଣ ସମ୍ପାଦକ, ପୁରୁଷୋତ୍ତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମ, ମେରିଆ ବଜାର, କଟକ,
ଦୂରଭାଷ : ୯୩୪୮୮୨୨୫୧୨ / ୯୪୩୭୧୯୯୬୮୭

# ସାଇତତ୍ତ୍ୱ



ଅନୀତା ପଟ୍ଟନାୟକ

ଜିଜ୍ଞାସୁ ବାବୁ ମୋର ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ । ବାପା ଓ ସେ କଥାବାର୍ତ୍ତା କରୁଥିବା ସମୟରେ ମୁଁ ବେଳେ ବେଳେ ଶୁଣିବାକୁ ଚେଷ୍ଟାକରେ ଜିଜ୍ଞାସୁ ବାବୁ ଅନୁସନ୍ଧାନ କରି ନୂଆ ନୂଆ କଥା କହିଥାନ୍ତି । ସେ ଥରେ ବାପାଙ୍କୁ କହିଥିଲେ ଆପଣ ଜାଣିଛନ୍ତି ରାମତତ୍ତ୍ୱ, ଜଗନ୍ନାଥଙ୍କ ତତ୍ତ୍ୱ ଏସବୁ ମନର ଭାବନା କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତି ବା ସାଧୁସନ୍ଥଙ୍କର କଳ୍ପନା ଅଟେ । ଏହି କଳ୍ପନାଗୁଡ଼ିକୁ ସମାଜ ଏପରି ଭାବେ ଗ୍ରହଣ କରିନେଇଛି ଯେପରି ସେଗୁଡ଼ିକ ସବୁ ସତ୍ୟ । ବାପା ପଚାରିଲେ ତୁମେ ଏ ସବୁକୁ ସତ୍ୟ ବୋଲି ଭାବୁଛକି ? ସେ କହିଲେ ଏକଥା ସତ୍ୟ କି ମିଥ୍ୟା ମୁଁ କହୁନାହିଁ । ମୁଁ ଜାଣିବାରେ ରାମାୟଣ ଓ ମହାଭାରତ ଦୁଇଟି ମହାକାବ୍ୟ । ମହାଭାରତ ମଧ୍ୟରେ ଗୀତା ଅନ୍ତର୍ଭୁକ୍ତ । ତେଣୁ ଏହା ବାଲ୍ମୀକି ଓ ବ୍ୟାସଦେବଙ୍କର ଚିନ୍ତାଧାରା । ଯାହାକୁ କି ସମାଜ ସତ୍ୟ ଭାବରେ ଗ୍ରହଣ କରିଅଛି । ବାପା କହିଲେ ଜିଜ୍ଞାସୁବାବୁ ଆପଣ ଯାହା କହୁଛନ୍ତି ଏଥିରେ ସତ୍ୟତା ଥିଲା ପରି ଲାଗୁଛି । ଲୋକଙ୍କୁ ରାମାୟଣ ବୁଝାଇବାକୁ ଯାଇ ଭାଷ୍ୟାକାରମାନେ କହିଥାନ୍ତି 'ପୂର୍ବ ରାମ ତପୋବନାଦି ଗମନଂ, ହତ୍ୱା ମୃଗକାଞ୍ଚନଂ, ବୈଦେହୀ ହରଣଂ ଜଟାୟୁ ମରଣଂ, ସୁଗ୍ରୀବ ସମ୍ଭାଷଣଂ, ବାଳୀ ନିଗ୍ରହଣଂ, ସମୁଦ୍ର ତରଙ୍ଗଂ, ଲଙ୍କାପୁରୀ ଦାହନଂ, ପଶ୍ଚାଦ ରାବଣ କୁମ୍ଭକର୍ଣ୍ଣ ହନନଂ, ଏତଦ୍ଧି ରାମାୟଣଂ' । ସେହିପରି ବାପା କହିଲେ, କୃଷ୍ଣତତ୍ତ୍ୱ ଏକ ଚିନ୍ତାଧାରା କୃଷ୍ଣଙ୍କ ରୂପ ବର୍ଣ୍ଣନ କରିବାକୁ ଯାଇ ଭାଷ୍ୟାକାରମାନେ କୁହନ୍ତି – 'କସ୍ତୁରୀ ତିଳକଂ ଲଲାଟପଟଳେ ବକ୍ଷସ୍ଥଳେ କୌସ୍ତୁଭମ୍, ନାସାଗ୍ରେ ନବମୌକ୍ତିକଂ କରତଳେ ବେଣୁଃ କରେ କଙ୍କଣମ । ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେଶ୍ଚ ମୁକ୍ତାବଳୀ, ଗୋପସ୍ତ୍ରୀ ପରିବେଷ୍ଟିତୋ ବିଜୟତେ ଗୋପାଳ ଚୂଡ଼ାମଣିଃ ।'

ବାପା ଜିଜ୍ଞାସୁବାବୁଙ୍କୁ ପଚାରିଲେ ଶ୍ରୀ ସତ୍ୟସାଇ ବାବାଙ୍କ ବିଷୟରେ ତୁମର ମତାମତ କ'ଣ ? ତାଙ୍କର ଶହେତମ ଜନ୍ମବାର୍ଷିକୀ ୨୩ ନଭେମ୍ବର ୨୦୨୫ରେ ପାଳିତ ହେବାକୁ ଯାଉଛି । ଭକ୍ତମାନେ ଆଗ୍ରହରେ ସାଇ ମନ୍ଦିରକୁ ଯାଇ ଭଜନକୀର୍ତ୍ତନ କରୁଛନ୍ତି । ଜିଜ୍ଞାସୁ ବାବୁ କହିଲେ ସତ୍ୟସାଇବାବା ମଧ୍ୟ ଏକ ଭାବନା ଓ ଚିନ୍ତାଧାରା । ସତ୍ୟସାଇ ମନ୍ଦିର ବୋଲି କିଛି ନାହିଁ । ତାଙ୍କର ଭକ୍ତମାନେ ଯେଉଁଠାରେ ତାଙ୍କର ଫଟୋ ବା ପ୍ରତିମୂର୍ତ୍ତି ରଖି ପୂଜାର୍ଚ୍ଚନା କରୁଛନ୍ତି ତାହା ମନ୍ଦିର ନୁହେଁ ବରଂ ତାର ନାମ ଶ୍ରୀସତ୍ୟସାଇ ସେବା ସଂଗଠନ । ମୁଁ ପ୍ରଶାନ୍ତି ନିଳୟମ ଯାଇଥିଲି ଯେଉଁଠାରେ ଭଗବାନ ଶ୍ରୀସତ୍ୟସାଇ ବାସ କରୁଥିଲେ । ତାଙ୍କର ସମାଧିରେ ଲେଖା ଯାଇଛି 'ଖଣ୍ଡଙ୍କର ବକ୍ଷକ୍ଷ ଶ୍ୱରକ୍ଷଙ୍କର ବକ୍ଷକ୍ଷ' । ସମସ୍ତଙ୍କୁ ପ୍ରେମକର ସମସ୍ତଙ୍କର ସେବା କର । ଏପରି କାହିଁକି ଲେଖାଯାଇଛି ବୋଲି ଅନୁସନ୍ଧାନ ଆରମ୍ଭ କଲି । ସେଠାରେ ଜ୍ଞାନୀଗୁଣୀ ମାନଙ୍କୁ ପଚାରି ଜାଣିଲି ଯେ ସତ୍ୟସାଇବାବା କ'ଣ ପ୍ରଚାର କରିବାକୁ ଆସିଥିଲେ । ସେ କହୁଥିଲେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ । ଅଣୁ ପରମାଣୁ ଠାରୁ ବିଶ୍ୱ ବ୍ରହ୍ମାଣ୍ଡ ଜଗତ ପ୍ରାଣୀ ସମସ୍ତଙ୍କ ଭିତରେ ସେ ବିଦ୍ୟମାନ । ସେ କହୁଥିଲେ ମତେ ଭଲପାଇବା ଅର୍ଥ ସମସ୍ତଙ୍କୁ ଭଲ ପାଇବା । ପ୍ରେମର ଅର୍ଥକୁ ବୁଝାଇବାକୁ ଯାଇ ସେହ କହିଥିଲେ ଯାହା କୌଣସି ସ୍ୱାର୍ଥ ନଥାଇ କରାଯାଏ । ମଣିଷ ସେବା କରିବା ପୂର୍ବରୁ ତା ମଧ୍ୟରେ ପ୍ରେମଭାବ ଆସିବା ଦରକାର । ଆମ ଭିତରେ ପ୍ରେମ ଭାବ ନଥିଲେ ଆମେ କୌଣସି କାର୍ଯ୍ୟ ସଠିକ ରୂପରେ କରିନଥାଉ । ଯାହା ଭିତରେ ପ୍ରେମ ଭାବ ଥାଏ, ସେ ସେବା କରିବାକୁ ଯୋଗ୍ୟ । ସେ ପରସ୍ପରର କୁତ୍ସାରଟନା କରିବାକୁ ମନା କରୁଥିଲେ । କାରଣ ସେ କହୁଥିଲେ, ଅନ୍ୟର କୁତ୍ସାରଟନା କରିବା ଅର୍ଥ ଭଗବାନଙ୍କ କୁତ୍ସରଟନା କରିବା । ତେଣୁ ମୋ ମତରେ ଭଗବାନ ସତ୍ୟସାଇ ଜଣେ ମଣିଷ ନଥିଲେ, ମଣିଷ ରୂପଧାରୀ ଭଗବାନ ନଥିଲେ ସେ ରାମକୃଷ୍ଣଙ୍କ ପରି ଏକ ଚିନ୍ତାଧାରା ଥିଲେ । ସେ ଦେହ ତ୍ୟାଗ କରିବା ପୂର୍ବରୁ ଗୋଟିଏ ସୁପର ସ୍ପେଷାଲିଷ୍ଟ ହସ୍ପିଟାଲ ଆବାଳବୃଦ୍ଧବନିତାଙ୍କ ପାଇଁ ଓ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ନିଃଶୁଳ୍କ ହୃଦରୋଗ, ସ୍ନାୟୁ ଓ ଚକ୍ଷୁର ଏକ ଚିକିତ୍ସାଳୟ ଖୋଲିଥିଲେ ଓ ଏହାର ସଂପ୍ରସାରଣ ଅନ୍ୟାନ୍ୟ ସହରରେ ମଧ୍ୟ କରିଥିଲେ । ରୟାଲସୀମା ପରି ଅଞ୍ଚଳରେ ଜଳଯୋଗାଣର ବ୍ୟବସ୍ଥା କରିଥିଲେ । ପିଲାମାନଙ୍କ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳ ଓ ବିଶ୍ୱବିଦ୍ୟାଳୟ ଖୋଲି ଦେଇଥିଲେ । ରାସ୍ତାରୁ ଉଠାଇ ଆଣି ରାସ୍ତାକଡ଼ରେ ବୁଲୁଥିବା ପିଲାମାନଙ୍କ ପାଇଁ ଦୀନୋଦ୍ଧାରଣ ପଠକମ୍ ଖୋଲି ନିଃଶୁଳ୍କ ଶିକ୍ଷାଦାନର ବ୍ୟବସ୍ଥା କରାଇଛନ୍ତି । ଶ୍ରୀ ସତ୍ୟସାଇଙ୍କ ଚିନ୍ତାଧାରା ଥିଲା ତୁମେ ତୁମ ପିଲାଙ୍କୁ ଭଲ ପାଉଛ । ଏଥିରେ ବାହାଦୁରୀ କ'ଣ ଅଛି । ଇତର ଜଗତର ପ୍ରାଣୀମାନେ ମଧ୍ୟ ତାଙ୍କ ପିଲାଙ୍କୁ ଭଲ ପାଆନ୍ତି । କିନ୍ତୁ ସେ କହିଛନ୍ତି ତୁମେ ଯେତେବେଳେ ଅନ୍ୟର ପିଲାକୁ ନିଜର ପିଲାପରି ଭଲପାଇ ପାରିବ ତାହାହିଁ ଦୈବତ୍ୱ । ଏହିପରି ଏକ ଭାବନାରୁ ସୃଷ୍ଟି ଶ୍ରୀସତ୍ୟସାଇ ସେବା ସଂଗଠନର ବାଳବିକାଶ । ଏହିପରି ମନୋଭାବ ରଖି ସତ୍ୟସାଇ ସେବା ସଂଗଠନର ପ୍ରତ୍ୟେକ ସଦସ୍ୟ ଅନ୍ନଦାନ ପରି ନାରାୟଣ ସେବା, ରକ୍ତଦାନ, ବସ୍ତ୍ରଦାନ, ମେଡ଼ିକାଲ ସେବା ପ୍ରଭୃତି ଯୋଗାଇ ଦେଇଥାନ୍ତି । ସତ୍ୟସାଇ ବାବାଙ୍କ ମତରେ ଏ ସବୁ ଚିନ୍ତାଧାରାରେ କୌଣସି ନୂତନତ୍ୱ କିମ୍ବା ଗୁରୁତ୍ୱ ନାହିଁ । ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ତୁମ ମାନଙ୍କ ମଧ୍ୟରେ ଏ ଚିନ୍ତାଧାରା କିଏ ସୃଷ୍ଟି କରୁଛି ସେ ହିଁ ଭଗବାନ । ତା ଉପରେ ଅନୁଶୀଳନ ଓ ଅନୁଧ୍ୟାନ କର ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଶିବାନନ୍ଦ ସାହିତ୍ୟ : ଆଧ୍ୟାତ୍ମ ବିଦ୍ୟା ବିଦ୍ୟାନଂ



ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ

ବ୍ୟକ୍ତି ହୃଦୟର ସୃଜନଶକ୍ତି, ସାହିତ୍ୟ ରୂପରେ ଅଭିବ୍ୟକ୍ତ ହୋଇଥାଏ । ଏହାପ୍ରତି ହୃଦୟରେ ଅଳ୍ପ ବହୁତ ଭାବ ଆକାରରେ ଥାଏ । ଏହାର ଶକ୍ତି ଅସୀମ । ଭାବ ରାଜ୍ୟକୁ ସ୍ପନ୍ଦିତ କରି ଇନ୍ଦ୍ରିୟମାନଙ୍କ ଦ୍ୱାରା ଭାଷା ରୂପରେ ସାହିତ୍ୟ ହୃଦକନ୍ଦରରୁ ଝରିଆସେ । ସାହିତ୍ୟ ପ୍ରଭାବରେ ଜଡ଼ ଚେତନ ସବୁ ପ୍ରଭାବିତ ହୁଅନ୍ତି । ବେଳେବେଳେ ବିଗଳିତ ମଧ୍ୟ ହୋଇଯାନ୍ତି । ଶାସ୍ତ୍ର, ଅନୁଭବ ଓ କିମ୍ବଦନ୍ତୀ ଏହାର ପ୍ରମାଣ । ପ୍ରେମଭକ୍ତିର ଭାବାବେଗରେ ପଥର ତରଳିବା, ତରୁ-ତୃଣ ଖଗ-ମୃଗ ବିମୋହିତ ହୋଇଯିବା, ହିଂସ୍ର ଜୀବଜନ୍ତୁମାନେ ନୀରବରେ ବୋଲ ମାନିବା ଆଦି ମଧ୍ୟ ଦେଖାଯାଏ । ଭାବପୂର୍ଣ୍ଣ ମେଘମହ୍ଲାର ରାଗରେ ଆକାଶରୁ ବର୍ଷାଧାରା ଝରିଆସେ ବୋଲି ଶୁଣାଯାଏ । ଦୀପକ ରାଗରେ ଦୀପ ଜଳିଆସେ । ଦେବତାମାନେ ଆକର୍ଷିତ ହୋଇ ଧରାକୁ ଅବତରୀ ଆସନ୍ତି । ହିଂସ୍ର ପଶୁପକ୍ଷୀମାନେ ସ୍ନେହ ପ୍ରେମର ଆବେଶରେ ବଶ ହୋଇଯାଆନ୍ତି । ପ୍ରେରଣାପ୍ରଦ ଓଜସ୍ୱିନୀ ଭାଷଣ ପ୍ରଭାବରେ ପଙ୍ଗୁ ଗିରି ଲଙ୍ଘନ କରିବାର ଶକ୍ତି ଲାଭ କରେ, ମୂର୍ଖ ପଣ୍ଡିତ ହୋଇଯାଏ । ଏହା ସବୁ ସାହିତ୍ୟର ଆଧୁନିକ ବିଶ୍ୱର ମହାନ ସନ୍ଥ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଜଣେ ଅସୀମ ଶକ୍ତିଧର କଳାନୁରାଗୀ ବିରଳ ମହାପୁରୁଷ । ଆପଣା ଜନ୍ମଗତ ସୃଜନଶୀଳ ଆବେଗ, କଠୋର ତପସ୍ୟାର ସାଧନା ଶକ୍ତି ତାଙ୍କ ଜୀବନକୁ ବିପୁଳ ଭାବେ ପ୍ରଭାବିତ କରିଛି । ଈଶ୍ୱରଙ୍କ କୃପା ଓ ଆତ୍ମପ୍ରେରଣାରେ ସେ ସୃଷ୍ଟି କରିଛନ୍ତି ବିପୁଳ ସାହିତ୍ୟ ସମ୍ଭାର । ଯାହାକି ବିଶ୍ୱ ବାଣୀ ଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରିଛି । ତିନିଶହରୁ ଅଧିକ ପୁସ୍ତକ ଇଂରାଜୀ ଭାଷାରେ ରଚନା କରି ସେ ସାରା ମାନବ ସମାଜକୁ ଚମକୃତ କରିଦେଇଛନ୍ତି ।

ସ୍ୱାମୀ ଶିବାନନ୍ଦଙ୍କର ପୂର୍ବ ନାମ ଥିଲା କୁପ୍ପୁ ସ୍ୱାମୀ । ୧୮୮୭ ମସିହା ସେପ୍ଟେମ୍ବର ମାସ ୮ ତାରିଖ ଦିନ ଦକ୍ଷିଣ ଭାରତର ତାମିଲନାଡୁ ରାଜ୍ୟରେ ବିଶିଷ୍ଟ ବିଦ୍ୱାନ ଆପାୟା ଦକ୍ଷିତାରଙ୍କ ବଂଶରେ ସେ ଧରାବତରଣ କରିଥିଲେ । ମାତା ପାର୍ବତୀ ଅମଲା ଓ ପିତା ଶ୍ରୀ ପି ଏସ୍ ଭେଙ୍ଗୁ ଆୟାର ଥିଲେ ଅତ୍ୟନ୍ତ ଭକ୍ତିପ୍ରାଣ କୁଳୀନ ବ୍ରାହ୍ମଣ । ପିଲାଟି ଦିନରୁ ଶିଶୁ କୁପ୍ପୁ ସ୍ୱାମୀ ମଧ୍ୟରେ ଅସାଧାରଣ ଧୀମତା ଓ ଦିବ୍ୟ ପ୍ରତିଭା ପ୍ରକାଶ ପାଇଥିଲା । ସେ ଥିଲେ ଜଣେ ମେଧାବୀ ଛାତ୍ର । ଖେଳ କୌତୁକ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସେ ଥିଲେ ଧୂରନ୍ଧର । ଡାକ୍ତରୀ ଶିକ୍ଷା ସମାପ୍ତ ପରେ ସେ ସୁଦୁର ମାଲେସିୟାରେ ଏକ ଡାକ୍ତର ଭାବେ ସେବା ପ୍ରଦାନ କରିଥିଲେ । ଡାକ୍ତର କୁପ୍ପୁ ସ୍ୱାମୀଙ୍କର ସେବାନୈପୁଣ୍ୟତା ତାଙ୍କୁ ଅଜସ୍ର ଖ୍ୟାତି ପ୍ରଦାନ କରିଥିଲା । ଛାତ୍ର ଜୀବନରେ ସେ 'ଆମ୍ବ୍ରୋସିୟା' ନାମକ ଏକ ସ୍ୱାସ୍ଥ୍ୟସେବା ପତ୍ରିକା ପ୍ରକାଶ କରିଥିଲେ । ତାହା ଖୁବ୍ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲା । ଗୋଟିଏ ସଂଖ୍ୟା ବନ୍ଦ ହୋଇଗଲେ ଅନେକ ଅନୁରୋଧ ପତ୍ର ତାଙ୍କ ପାଖକୁ ଆସୁଥିଲା । ତତ୍କାଳୀନ ଭାରତର ବହୁ ପ୍ରତିଷ୍ଠିତ ଲେଖକ ଏଥିରେ ଲେଖା ଦେଉଥିଲେ । ଲେଖିବା, କହିବା ଓ ମନୋରଞ୍ଜନ କରିବା ସତେଅବା ତାଙ୍କର ଜନ୍ମସିଦ୍ଧ ସ୍ୱଭାବ ଥିଲା । ଏସବୁ ସତ୍ତ୍ୱେ ସେ ଆତ୍ମକଲ୍ୟାଣ ଦିଗରେ ଆଗ୍ରହୀ ହୋଇଉଠିଲେ । ଆତ୍ମାନୁସନ୍ଧାନ ଓ ଆତ୍ମକଲ୍ୟାଣ ପାଇଁ ସେ ମାଲେସିୟା ଛାଡ଼ି ଭାରତ ଫେରି ଆସିଲେ । ବଡ଼ ଚାକିରୀ, ମୋଟା ବେତନ, ବିପୁଳ ସମ୍ମାନ ତାଙ୍କୁ ଆଉ ଆକର୍ଷଣ କରିପାରିଲା ନାହିଁ । ଦେବତାତ୍ମା ହିମାଳୟ ଓ ପତିତପାବନୀ ମା' ଗଙ୍ଗାଙ୍କ ସାନ୍ନିଧ୍ୟ ଲାଭ କରି ସେ ତନ୍ମୟ ହୋଇଗଲେ ।

ଶିବାନନ୍ଦଙ୍କ ସାଧନାର ଆଧାରଶୀଳା ଆଧ୍ୟାତ୍ମିକତା । 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନଂ' ଜୀବନରେ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତିର ଲକ୍ଷ୍ୟ ନେଇ ସତ୍ ଆଧାରରେ କର୍ମକୁ ଧର୍ମରେ ରୂପାନ୍ତରିତ କରିବାକୁ ହେବ । ବିଶ୍ୱରେ ପ୍ରତିଷ୍ଠିତ ସମସ୍ତ ସଭ୍ୟତା, ସଂସ୍କୃତି ଓ ଧର୍ମଧାରାର ସାରମର୍ମକୁ ଗଭୀର ଭାବେ ଅଧ୍ୟୟନ କରି ସେ ତତ୍ତ୍ୱ ଖୋଜିବାକୁ ଲାଗିଲେ । ସନାତନ ସଂସ୍କୃତିର ବିପୁଳ ଜ୍ଞାନ ଭଣ୍ଡାରକୁ ମନ୍ଥନ କରି ରତ୍ନାକରରୁ ରତ୍ନ ସଂଗ୍ରହ ପରି ସମସ୍ତ ଧର୍ମ, ମତ, ପନ୍ଥର ସାରମର୍ମକୁ ସେ ମାତ୍ର ଛଅଗୋଟି ଶବ୍ଦରେ ସକଳ ମାନବ ସମାଜର କଲ୍ୟାଣ ପାଇଁ ପରଷି ଦେଇଛନ୍ତି । ସେଗୁଡ଼ିକ ହେଲେ- (ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଆତ୍ମାନୁଭବ) – ଏହା ସକଳ ଧର୍ମ ଦର୍ଶନର ସାରକଥା । ଜୀବନରେ ଏହାର ପ୍ରୟୋଗ ଦ୍ୱାରା ସମସ୍ତ କଲ୍ୟାଣ ସମ୍ଭବ ହୋଇପାରିବ ।

ସ୍ୱାମୀ ଶିବାନନ୍ଦ ସାରା ଭାରତବର୍ଷ ଭ୍ରମଣ କରି ପୁଣ୍ୟଭୂମି ଋଷିକେଶ ମା' ଗଙ୍ଗାଙ୍କ ପାବନ ତଟକୁ ଆପଣା ସାଧନା କ୍ଷେତ୍ର ଭାବରେ ସ୍ଥିର କଲେ । ଏହିଠାରେ ଆତ୍ମାନୁସନ୍ଧାନ ପାଇଁ କଠୋର ସାଧନାରେ ମଗ୍ନ ହୋଇଗଲେ । ଗଭୀର ତପସ୍ୟାରେ ଆଧ୍ୟାତ୍ମିକତାର ଅଜସ୍ର ଆନନ୍ଦ ତାଙ୍କୁ ପରିପୂର୍ଣ୍ଣ କରିଦେଲା । ନିଜର ଅନୁଭୂତିକୁ ଆଧାର କରି ସେ ଗାଇ ଉଠିଲେ – ହେ ଦିବ୍ୟ ଅମର ଆତ୍ମନ୍ ! ହେ ପ୍ରିୟ ଆତ୍ମସ୍ୱରୂପ ଅମୃତର ସନ୍ତାନଗଣ ! ଉଠ : ଜାଗ : ଆପଣାର ଦିବ୍ୟ ସ୍ୱରୂପରେ ପ୍ରତିଷ୍ଠିତ ହୁଅ । ଭଲ ହୁଅ, ଭଲ କର । ପଠନ, ପାଠନ ଏବଂ ଆତ୍ମନିରୀକ୍ଷଣ ଦ୍ୱାରା ନିଜକୁ ଜାଣ । ଏହି ବିଶାଳ ସାହିତ୍ୟ ସମ୍ଭାର ବିଶ୍ୱ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିବା ଗୋଟିଏ ଗୋଟିଏ ଉପାଦେୟ ରତ୍ନ ସଦୃଶ ଅଟନ୍ତି । ଶିବାନନ୍ଦଙ୍କ ସାହିତ୍ୟର ତୁଳନା ନାହିଁ । ସେ ଆପଣାର ଅମୃତବର୍ଷୀ ସାହିତ୍ୟ ଦ୍ୱାରା ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଛନ୍ତି । ଅମୃତମୟ ପ୍ରେରଣାପ୍ରଦ ବାଣୀଦ୍ୱାରା ମୁମୁକ୍ଷୁ ସାଧକଙ୍କୁ ଆକର୍ଷଣ କରି ଟାଣି ଆଣିଛନ୍ତି ନିଜ ପାଖକୁ । ବେଦ-ବେଦାନ୍ତ, ଗୀତା, ଭାଗବତ, ଉପନିଷଦ ଆଦି ସମସ୍ତ ଧର୍ମଶାସ୍ତ୍ରର ସାରମର୍ମକୁ ସେ ତାଙ୍କ ଆପଣା ଭାଷାରେ ରଚନା କରିଛନ୍ତି । ଧର୍ମ, ଦର୍ଶନ, ସ୍ୱାସ୍ଥ୍ୟ, ଶିକ୍ଷା, ଚିକିତ୍ସା ବିଜ୍ଞାନ, ଜ୍ୟୋତିଷ, ସଂଗୀତ, ନୃତ୍ୟ, ସାହିତ୍ୟ, କଳା ସହିତ ଆଧୁନିକ ବିଜ୍ଞାନର ପରିବର୍ତ୍ତିତ ଜ୍ଞାନ କୌଶଳ ମଧ୍ୟ ତାଙ୍କ ଲେଖାରେ ଅନୁରଣିତ ହୋଇଛି । ଏହା ଲୋକକଲ୍ୟାଣ ପାଇଁ ଅତ୍ୟନ୍ତ ଉପାଦେୟ । ତାଙ୍କ ସାହିତ୍ୟ ମାନଙ୍କୁ ସେ ଜ୍ଞାନଯଜ୍ଞ ପ୍ରସାଦ ଭାବରେ ଛପାଇ ବିତରଣ କରନ୍ତି ।

ଲୋକମାନଙ୍କର ଆଗ୍ରହକୁ ଲକ୍ଷ୍ୟ କରି ପୂଜ୍ୟ ସ୍ୱାମିଜୀ ୧୯୩୬ ମସିହାରେ ପ୍ରତିଷ୍ଠା କରିଥିଲେ ଦିବ୍ୟଜୀବନ ସଂଘ । ଏହା ନିଛକ ଉଦାରତା ଉପରେ ପ୍ରତିଷ୍ଠିତ ଏକ ଆଧାତ୍ମିକ ଓ ସମାଜସେବୀ ଧାର୍ମିକ ଅନୁଷ୍ଠାନ । ସାରା ପୃଥିବୀରୁ ତୀର୍ଥାଟନ ଓ ପର୍ଯ୍ୟଟନରେ ଆସୁଥିବା ଆଗନ୍ତୁକ ମାନଙ୍କ ପାଇଁ ଶିବାନନ୍ଦ ଆଶ୍ରମ ଏକ ସ୍ୱାଗତ ତୋରଣ ଭଳି ଅଟେ । ଯାତ୍ରୀମାନଙ୍କର ରହିବା ଖାଇବାର ସମସ୍ତ ସୁବିଧା ଆଶ୍ରମରେ ଅଛି । ଏହା ସାଧକ, ଭକ୍ତ ଓ ତପସ୍ୱୀମାନଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ପ୍ରତିଦିନ ଶହଶହ ତୀର୍ଥଯାତ୍ରୀମାନଙ୍କର ସମାଗମ ହୋଇଥାଏ । ଏଠାରେ ତୀର୍ଥ ଭ୍ରମଣ, ସାଧୁ ଦର୍ଶନ ଓ ସତ୍‌ସଙ୍ଗ ପାଇଁ ପ୍ରଶସ୍ତ ବ୍ୟବସ୍ଥା ସ୍ୱାମିଜୀ କରିଛନ୍ତି । ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଆଶ୍ରମକୁ ଆସି ସତ୍‌ସଙ୍ଗ, ସାଧୁସଙ୍ଗ ମାଧ୍ୟମରେ ଜୀବନର କଲ୍ୟାଣ ସାଧନ କରିଛନ୍ତି ।

ସ୍ୱାମୀ ଶିବାନନ୍ଦ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ । ସେବା, ପ୍ରେମ, ଦାନ, ଧ୍ୟାନ ତାଙ୍କର ନିତ୍ୟପ୍ରତ୍ୟ ସ୍ୱଭାବ ଥିଲା । ତାଙ୍କ ଦର୍ଶନରେ ଆସୁଥିବା କେହି ଲୋକ ରିକ୍ତ ହସ୍ତରେ ଫେରୁ ନଥିଲେ । ଲୋକ ଥଟ୍ଟାରେ କହୁଥିଲେ- ସେ ଶିବାନନ୍ଦ ନୁହଁନ୍ତି ଗିଭାନନ୍ଦ । ସେ ଶକ୍ତିରୁ ଅତୀତ ହୋଇ ସେବା ଓ ଦାନ କରୁଥିଲେ । ସ୍ୱାମୀ ଶିବାନନ୍ଦ ସଶରୀରରେ ନଥିଲେ ମଧ୍ୟ ତାଙ୍କ ପ୍ରତିଷ୍ଠିତ ଦିବ୍ୟ ଜୀବନ ସଂଘ ଓ ଶିବାନନ୍ଦ ଆଶ୍ରମ ଆପଣା ଗରିମାରେ ବିଶ୍ୱପ୍ରସିଦ୍ଧ ଓ ବିଶ୍ୱବନ୍ଦିତ । ସ୍ୱାମୀ ଶିବାନନ୍ଦ ଆଧୁନିକ ବିଶ୍ୱ ପାଇଁ ବରଦାନ । ଶିବାନନ୍ଦଙ୍କ ସାହିତ୍ୟ ଅମୃତମୟ । ଏହା ବିଶ୍ୱ ମାନବତା ପାଇଁ ଏକ ଆଶୀର୍ବାଦ । ବିଶ୍ୱ ଦରବାରରେ ସନାତନ ସଂସ୍କୃତିର ପ୍ରଚାର ପ୍ରସାର ସହିତ ମାନବ ନିର୍ମାଣ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ । ପ୍ରକୃତରେ ସ୍ୱାମୀ ଶିବାନନ୍ଦ ସାରା ବିଶ୍ୱ ତଥା ମାନବତା ପାଇଁ ଯାହା କରିଛନ୍ତି କେବଳ ଆଉଜଣେ ଶିବାନନ୍ଦ ଆସିଲେ ହିଁ ତା'ର ଆକଳନ କରିପାରିବେ, ଅନୁଭବ କରିପାରିବେ ।

*ସ୍ୱାମୀ ଚିଦାନନ୍ଦ ବିଶ୍ୱଶାନ୍ତି ପ୍ରତିଷ୍ଠାନ, ମାଙ୍ଗାଲୋର, ବେଙ୍ଗାଲୁର, ଭାରତ,*
*ଦୂରଭାଷ : ୯୪୩୯୪୯୬୪୯୦*

# ନୂଆଖାଇ : ମାଟି ଓ ମଣିଷର ମିଳନ ପର୍ବ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ନବାନ୍ନ ପୂଜାର ଏକ ବିଶେଷ ମହତ୍ତ୍ୱ ରହିଛି ଭାରତରେ । ଏଇଠି କଳ୍ପନାର ସୂକ୍ଷ୍ମ ଜାଲରେ ଅନ୍ନ, ଆନନ୍ଦ ଓ ଆତ୍ମାକୁ ଛନ୍ଦି ଦେଇ 'ତୈତ୍ତିରୀୟ ଉପନିଷଦ'ର ମହର୍ଷି ଗାଇଥିଲେ – 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍, ଅନ୍ନାଦେବ ଖଲ୍ୱିମାନି ଭୂତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତ, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।' ଅର୍ଥାତ୍ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ, ଈଶ୍ୱର । ପ୍ରତ୍ୟକ ଏଇ ଅନ୍ନରୁ ଜାତ ହୁଅନ୍ତି । ଅନ୍ନ ଯୋଗୁଁ ଜୀବନ ଧାରଣ କରନ୍ତି ଏବଂ ମୃତ୍ୟୁ ପରେ ଅନ୍ୟମାନଙ୍କ ପାଇଁ ସେମାନେ ଅନ୍ନ ହୋଇଯାଆନ୍ତି । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ତାହା ଭୌତିକ ହେଉ ବା ଅଭୌତିକ ହେଉ; ଅନ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଜୀବନଧାରଣର ମାଧ୍ୟମ, ଆନନ୍ଦର ଉତ୍ସ ଏବଂ ଆତ୍ମାର ଅଙ୍ଗ । ତେଣୁ ସେଇ ଉପନିଷଦର ଅନ୍ୟତ୍ର ଅତି ସୂକ୍ଷ୍ମ ଭାବରେ ପ୍ରକାଶ କରାଯାଇଛି । 'ଅହମନ୍ନମହମନ୍ନ ମହମନ୍ନମ୍... ଅହମନ୍ନାଦୋ....ଅହମନ୍ନାଦୋ ଅହମନ୍ନାଦ...., ଅହମନ୍ନମନ୍ନମଦନ୍ତମା... ଦ୍ୱି...' ଅର୍ଥାତ୍ ସ୍ୱୟଂ ପରଂ ବ୍ରହ୍ମ ଭଗବାନ କହୁଛନ୍ତି । ମୁହିଁ ଅନ୍ନ.... ମୁହିଁ ଅନ୍ନ... ସେହି ଅନ୍ନର ମୁହିଁ ଉପଭୋକ୍ତା ... ମୁହିଁ ଉପଭୋକ୍ତା । ଯିଏ ନିଜ ନିଜର ଅନ୍ନ ଗ୍ରହଣ କରେ, ମୁଁ ମଧ୍ୟ ସେହି ଅନ୍ନ ଗ୍ରହଣ କରିଥାଏ । ତେଣୁ ଖୁବ ପ୍ରାଚୀନ କାଳରୁ ହିଁ ଅନ୍ନକୁ ଭଗବାନଙ୍କ ଅନ୍ୟରୂପ ଓ ତାଙ୍କ ଦାନର ସ୍ୱରୂପ ରୂପରେ କଳ୍ପନା କରାଯାଇଛି । ମାଟି ସହ ମଣିଷର ଭାବାବେଗ ସମ୍ପର୍କ ଅତ୍ୟନ୍ତ ପ୍ରାଚୀନ ଓ ନିବିଡ଼ । ଓଡ଼ିଆ ଜନ ଜୀବନରେ ଗ୍ରାମୀଣ ଖଟିଖିଆ ମଣିଷଟି ହେଉ ବା କୃଷକ ମାଟି ସହ ନିଜେ ମାଟି ହୋଇ ସେ ପାଲଟିଥାଏ 'ମାଟିର ମଣିଷ' । ଆଉ ମାଟି ସହ ମିଶି ସେ ଯେଉଁ ଶସ୍ୟଟି ଉତ୍ପାଦନ କରିଥାଏ କୃତଜ୍ଞତା ଓ ଭକ୍ତିନୈବେଦ୍ୟ ସ୍ୱରୂପ ସେ ନିଜର ଉତ୍ପାଦିତ ପ୍ରଥମ ଶସ୍ୟକୁ ସେହି ମାଟି ମାଆ ପାଖରେ ନୈବେଦ୍ୟପୂର୍ବକ ଅର୍ପଣ କରିଥାଏ । ପଶ୍ଚିମ ଓଡ଼ିଶାର ପାରମ୍ପରିକ ନୂଆଖାଇ ପରମ୍ପରା ଲୌକିକ ଦିଗଟିକୁ ସୂଚିତ କରିଥାଏ । ପ୍ରାଚୀନ ଶାସ୍ତ୍ରରେ ବି ଲେଖାଯାଇଛି ଯେ କୃଷି କ୍ଷେତ୍ରରୁ ଉତ୍ପାଦିତ ଶସ୍ୟର ପ୍ରଥମ ଶସ୍ୟରାଶି ଭଗବାନଙ୍କ ପଦାରବିନ୍ଦରେ ସମର୍ପଣ ହୋଇଥାଏ । ମାଟି ମାଆର ଅନେକ ଆଶୀର୍ବାଦରୁ ଏହି ମାନବ ସମାଜ ଚିରକାଳ ଅନ୍ନପ୍ରାପ୍ତି କରିପାରିଥାଏ । ତେଣୁ ମାଟି ଓ ମଣିଷର ମିଳନର ପର୍ବ ନୂଆଖାଇରେ ଉଭୟ ଲୌକିକ ଓ ଆଧ୍ୟାତ୍ମିକ ତଥା ପାରମ୍ପରିକ ମୂଲ୍ୟବୋଧ ରହିଛି । ଧର୍ମାନୁରାଗୀ ଭକ୍ତିଭାବାପନ୍ନ ଜନତା ବିଶେଷତଃ ହିନ୍ଦୁମାନେ ଖାଦ୍ୟ ଗ୍ରହଣ ପୂର୍ବରୁ ପ୍ରଥମେ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ବା ଉତ୍ସର୍ଗ କରି ସେବନ କରିବା ଲକ୍ଷ୍ୟ କରାଯାଏ । ସେହିପରି ନୂତନ ଶସ୍ୟ ଉତ୍ପାଦନ ସମୟର ଏକ ବିଶେଷ ସମୟକୁ ପଶ୍ଚିମ ଓଡ଼ିଶାବାସୀ ତଥା ଓଡ଼ିଶାର ପ୍ରାୟତଃ ସମସ୍ତ ଅଞ୍ଚଳରେ ନୂଆଖାଇ ବା ନୂଆଖିଆ ଭାବେ ପାଳନ କରି ଉତ୍କଳୀୟ ସଂସ୍କୃତିକୁ ସୁଦୃଢ଼ କରିଛନ୍ତି । ଏହି ପର୍ବ ଡ଼ିପବିଲର ଧାନ 'ଆଟ୍‌ଧାନକୁ ଦେଖି କୃଷକଟି ଭଗବାନଙ୍କ ନିକଟରେ ନିଜର କୃତଜ୍ଞତା ବାଢ଼େ । ସେ ଡ଼ିପବିଲର ଧାନକ୍ଷେତର ଗୋରଙ୍କୁ ନିଜ ବକ୍ଷ ଭାଗରେ କୁଣ୍ଢାଇଧରି ଭାବିବିହ୍ୱଳ ହୁଏ । ଧରିତ୍ରୀ ମା'ତାର ଅମାପ ଆଶୀର୍ବାଦରୁ ହଳଦୀରଙ୍ଗର ପାଚିଲା ଧାନକ୍ଷେତକୁ ଦେଖି ସେ ପରମ କାରୁଣିକଙ୍କ ପଦାରବିନ୍ଦରେ ତାର ପ୍ରଥମଶସ୍ୟକୁ ସମର୍ପଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରେ ଗବେଷକମାନେ ମତବ୍ୟକ୍ତ କରନ୍ତି ଯେ – ମହାନଦୀ ଅବବାହିକା ହିଁ ନୂଆଖାଇ ପର୍ବର ଆଦିଭୂମି । କୃଷି, ଭାଇଚାରା ଓ ଭକ୍ତିର ପାରମ୍ପରିକ ଗଣପର୍ବ ନୂଆଖାଇ ପର୍ବରେ ଖାଦ୍ୟ, ପୂଜାବିଧି, ନୃତ୍ୟଗୀତ, ଲୌକିକ ପରମ୍ପରା, ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କରେ ଛଟା ଓ ଆଦିବାସୀ ସାଧାରଣ ଗ୍ରାମୀଣ ଜନତାଙ୍କ ସମ୍ପର୍କର ପରଖିଲେ ମନେହୁଏ ସାରା ବିଶ୍ୱରେ ପଶ୍ଚିମ ଓଡ଼ିଶାର ନୂଆଖାଇ ଏକ ସ୍ୱତନ୍ତ୍ର ଗଣପର୍ବ ଏଥିରେ ପଟାନ୍ତର ନାହିଁ । ପରିବାରର ଆବାଳବୃଦ୍ଧ ବନିତା ଏକତ୍ର ପ୍ରସାଦ ପୂର୍ବକ ସେବନ କରିବାର ପରମ୍ପରା ରହିଛି । ଘରର ମୁଖ୍ୟ ସର୍ବପ୍ରଥମେ ଦେବତା, ଗୋମାତା, ଅରଣ୍ୟ ଦେବତା, ସର୍ପ ଦେବତା, ଯକ୍ଷ୍ୟ, କ୍ଷେତ୍ରପାଳ, ଭାଇବନ୍ଧୁଙ୍କ ଠାରୁ ସାଇ ପଡ଼ିଶା ତଥା ପରିବାର ଏକାଠି ବସି ଗୃହସ୍ୱାମୀଙ୍କ ହାତରୁ ନୂଆ ପ୍ରସାଦ ଭକ୍ତି ସହକାରେ ଗ୍ରହଣ କରିଥାନ୍ତି । ଏହି ସମଗ୍ର ପଶ୍ଚିମାଞ୍ଚଳର ଗାଁ ଭୂମିକୁ ପ୍ରକମ୍ପିତ କରିଥାଏ । ଗୃହ ଅଙ୍ଗନ ସଫା ହେବା ସହ ଜଳରେ ଲିପାପୋଛା କରାଯାଇ ସହରୀ ମଣିଷମାନଙ୍କୁ ଗାଁକୁ ଆଣି ଏକାଠି ବସି ନୂଆଖାଇବା ପରିବେଶଟି ଅତ୍ୟନ୍ତ ଭାବଗମ୍ଭୀର ହୋଇଥାଏ । ନୂଆଖାଇ ଭାରତୀୟ ସଭ୍ୟତା ଓ ସଂସ୍କୃତି ସହିତ ସାଧାରଣ ମଣିଷର ଜୀବନ ଚେତନାକୁ ମଧ୍ୟ ଏକୀଭୂତ କରିଛି । 'ଅର୍ଥବ ବେଦରେ ଉଲ୍ଲେଖ ରହିଛି – 'ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍, ମୋ ସ୍ୱାସରମୁତ ସ୍ୱସା । ସମ୍ୟଞ୍ଚ ସବ୍ରତା ଭୁତ୍ୱ ବାଚଂ, ବଦତ ଭଦ୍ରୟା ସଂଜ୍ଞାନଂ ପୁରୁଷେଭ୍ୟୋ... ସମାନୀ ପ୍ରପା ସହ ବାଂନ୍ନଭାଗଃ ।' ଅର୍ଥାତ୍ ଭାଇ ଭାଇକୁ ଦ୍ୱେଷ ନକରୁ । ଭଉଣୀ, ଭଉଣୀକୁ ଘୃଣା ନକରୁ । ସମସ୍ତେ ନିର୍ମଳଚିତ୍ତ, ଏକବ୍ରତ ହୋଇ ଭଦ୍ରବାଣୀ ଉଚ୍ଚାରଣ କର । ସବୁ ମଣିଷ ମନର ସଦଜ୍ଞାନ ଜାତ ହେଉ । ଅନ୍ନ ଓ ଜଳର ସାମଗ୍ରୀ ସମାନ ହେଉ । ଏହି ନବାନ୍ନ ଦିବସରେ ସଂସ୍କୃତିର ଏହି ମହତ ବାଣୀ ଯେଉଳି ମହତୋମହୀୟାନ ଭାବରେ କାର୍ଯ୍ୟ କରେ । କୁହାଯାଏ ମାଟି ମାଆର ଉଦ୍ଦ୍ୟେରେ ଅର୍ପଣ କରି ସେବନ କରିବା ପରମ୍ପରା ଏହି ନୂଆ ଖାଇରୁ ହିଁ ଆରମ୍ଭ ହୋଇଥାଏ । ସମସ୍ତଙ୍କ ଭିତରୁ ମାନ, ଅଭିମାନ, ଦ୍ୱେଷ ସର୍ବୋପରି ରାଗରୋଷକୁ ମିଳେଇ ଦେଇଥାଏ ଏହି ନୂଆଖାଇ । ଆବାଳବୃଦ୍ଧ ବନିତା ଏକତ୍ର ଏହି ପ୍ରସାଦ ସେବନ କରି ନୂଆଖାଇ ଜୁହାର ପରମ୍ପରାରେ ସାନମାନେ ବଡ଼ମାନଙ୍କୁ ଜୁହାର କରିବାର ପରମ୍ପରା ଏକ ଭାଇଚାରା ଓ ପୂଜ୍ୟପୂଜା ପରମ୍ପରାରେ ପରିଣତ ହୋଇଛି । ଏହିଦିନ ନୂଆବସ୍ତ୍ର ପରିଧାନ କରି ବନ୍ଧୁସଂକୁଳା ହୋଇଥାଏ । ସବୁ ମନାନ୍ତର ଓ ମତାନ୍ତରକୁ ଦୂରରେ ଛାଡ଼ି ମନ ବନ୍ଧୁତ୍ୱ କ୍ଷେତ୍ରରେ ମିଶାଇ ଯେଉଁ ପାର୍ବଣ ସମ୍ପାଦିତ ହୋଇଥାଏ ତାହା ହିଁ ହେଉଛି ନୂଆଖାଇର ଅନ୍ତର୍ନିହିତ ତାତ୍ପର୍ଯ୍ୟତା ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ

# ହରିକୈବଲ୍ୟ ଲୋଲୁପିଣୀ ମା ବିମଳା



ଶ୍ରୀ ହରିଗୁରୁ ଆଶ୍ରିତ ଅତୀଶ

ଶାରଳା ଦାସଙ୍କ ଓଡ଼ିଆ ମହାଭାରତ ଦ୍ରୋଣ ପର୍ବରେ କଥିତ ଅଛି ଯେ ସତ୍ୟଯୁଗରେ କୃପାଜଳ ନାମକ ଜଣେ ପ୍ରଖ୍ୟାତ ଋଷି ଥିଲେ ସେ ଏକ ଦିବ୍ୟ କନ୍ୟା ପାଇଁ ଅଗ୍ନିଙ୍କ ଉପାସନା କଲାରୁ ଏକ ଦିବ୍ୟ କନ୍ୟା ପ୍ରାପ୍ତ ହେଲେ । ଦିନକୁ ଦିନ ସେ ରୂପ ଲାବଣ୍ୟରେ ପରିପୂର୍ଣ୍ଣ ହୁଏ ଓ ବଢ଼େ ନବଯୁବା ରୂପେ ସମସ୍ତଙ୍କ ମନ ମୋହି ନିଏ । ସେବା ଓ ଆଶ୍ରମ ରକ୍ଷା ସବୁ କରେ ମାତ୍ର 'ପୁଷ୍ପବତୀ' ହୁଏନାହିଁ । ପିତା କୃପାଜଳ ଋଷି ଚିନ୍ତିତ ହୁଅନ୍ତି ପୁଷ୍ପବତୀ ହେଲେ ବିବାହ ଯୋଗ୍ୟ ହେବ ହେଲେ କନ୍ୟା ସେହିପରି ରହିଲା । ଋଷି ବାର ହଜାର ବର୍ଷ ତପସ୍ୟା କଲେ ତଥାପି କନ୍ୟା ରଜଶୂନ୍ୟ ହେଲା । ତପସ୍ୟା ପରେ ଯେତେବେଳେ ଦେଖିଲେ କନ୍ୟା କୁମାରୀ ଅବସ୍ଥାରେ ରହିଛି ସେହିପରି । କନ୍ୟା ଦେହରୁ ରଜ କ୍ଷରିତ ହେଲା ପରେ କନ୍ୟା ଶୁଦ୍ଧ ହୁଏ ସେହିପରି ବିମଳା ଶୁଦ୍ଧ । କରୁଣାମୟୀ ସନାତନି ମାତା ଅଟନ୍ତି । ଏହି କନ୍ୟା ବିରାଜାରୁ ବିମଳା ହେବାପରେ ତାଙ୍କୁ ଜଗନ୍ନାଥଙ୍କୁ ସମର୍ପଣ କଲେ ବଡ଼ ବିଚିତ୍ର ପ୍ରଭୁ ଜଗନ୍ନାଥ ହେଉଛନ୍ତି ଭୈରବ ଓ ମା ବିମଳା ହେଉଛନ୍ତି ଭୈରବୀ ଯାହାକି ଶ୍ରୀକ୍ଷେତ୍ର ଛାଡ଼ ଅନ୍ୟ କୌଣସି ଧାମରେ ଏହିପରି ନାହିଁ । ମା ସ୍ୱରୂପ ହେଲା ସେ ଚତୁର୍ଭୁଜା, ଦକ୍ଷିଣ ଭାଗ ଉର୍ଦ୍ଧହସ୍ତରେ କାଳପାଶ (ନାଗ) ଦକ୍ଷିଣଭାଗସ୍ଥ ତଳ ହସ୍ତରେ ଅକ୍ଷମାଳା, ବାମ ଉର୍ଦ୍ଧହସ୍ତରେ ଏକ ନରକଙ୍କାଳ, ବାମ ଭାଗ ତଳ ହାତରେ ଏକ ଅମୃତ କଳସ ଧରିଛନ୍ତି ସହସ୍ରଦଳ ପଦ୍ମ ଉପରେ ବିରାଜିତ ମା ବିମଳା । ମାଙ୍କୁ ପ୍ରଥମେ ମହାପ୍ରସାଦ ସମର୍ପଣ କରିବା ପଛରେ ଏକ ବଡ଼ କଥା ରହିଛି । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାରରେ ନାରଦ ମୁନି ପ୍ରଭୁଙ୍କର ପ୍ରସାଦ ସେବନ କରି ଆନନ୍ଦ ମନରେ ବୀଣା ବାଦନ କରି ଯାଉଥିବା ସମୟରେ କୈଳାସ ପର୍ବତରେ ଯାଇ ଭୂତଭାବନ ସଦାଶିବଙ୍କୁ ଦର୍ଶନ କଲେ ଓ ଶ୍ରୀକୃଷ୍ଣ କିପରି ତାଙ୍କୁ ନିଜ ଅଧରାମୃତ ପ୍ରଦାନ କଲେ ଓ ମହାପ୍ରସାଦ ମହିମା ବର୍ଣ୍ଣନା କଲେ ପରବୈଷ୍ଣବ ସଦାଶିବଙ୍କ ଆଗରେ ପ୍ରଭୁ ଶଙ୍କର ମହାପ୍ରସାଦ ମହିମା ଶ୍ରବଣ କରି କିପରି ପ୍ରଭୁଙ୍କ ପ୍ରସାଦ ପାଇବେ ବ୍ୟାକୁଳ ହେଲେ ଏହି ସମୟରେ ମାତା ପାର୍ବତୀ ପାଖରେ ବସିଥିଲେ ମହାପ୍ରସାଦ ମହିମା ସେବି ଶ୍ରବଣ କରୁଥିଲେ । ଏହି ସମୟରେ ପ୍ରଭୁ ସଦାଶିବଙ୍କର ଆଖି ନାରଦଙ୍କ ଓଠ ତଳେ ଲାଗିଥିବା ଏକ ଅନ୍ନ କଣିକା ଉପରେ ପଡ଼ିଲା ପ୍ରଭୁ ଜାଣିଲେ ମହାପ୍ରସାଦ କଣିକା ନାରଦଙ୍କ ଓଠ ତଳେ ଲାଗିଛି ତେଣୁ ଆଗପଛ ବିଚାର ନକରି ସେ ନିର୍ମାଲ୍ୟ କଣିକାକୁ ସେବନ କରିଦେଲେ । ମାତା ପାର୍ବତୀ ଏହାଦେଖି ସଦାଶିବଙ୍କ ଠାରେ ଅଭିମାନ କରି କହିଲେ ପ୍ରଭୁ ମତେ ଟିକେ କୈବଲ୍ୟ କଣିକା ଦେଲେ ନାହିଁ ଏକ ଭୁଞ୍ଜିଲେ । ମା ଅଭିମାନ କରି ମନଦୁଃଖରେ ବସିଲେ ଏହି ସମୟରେ ଅନ୍ତରୀକ୍ଷ ବାଣୀ ହେଲା ଦେବୀ ଆପଣ ଚିନ୍ତା କରନ୍ତୁ ନାହିଁ ଆପଣ ମୋର ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀକ୍ଷେତ୍ର ଧାମରେ ଜଗତଜନନୀ ବିମଳା ନାମରେ ପୂଜା ପାଇବେ ଓ ମୋର ଠାରେ ତନ୍ତ୍ର ମତରେ ମହାଭୈରବୀ ଚକ୍ରରେ ନୈବେଦ୍ୟ ଅର୍ପଣ ହେବ ତାହା ଶେଷରେ ତୁମ ଠାରେ ଆଗେ ସମର୍ପଣ ହେବ ତୁମେ ମୋର ଅଧରାମୃତ ପ୍ରସାଦ ପାଇସାରିଲା ପରେ ସେ ମହାପ୍ରସାଦ ନାମରେ ଆଚାଣ୍ଡାଳ ବ୍ରାହ୍ମଣ ପାଇ ମୋକ୍ଷ ଲାଭ କରିବେ ଏହା ଅସ୍ତୁ । ବଡ଼ ବାଡ଼ର ମଣିମା ମହାପ୍ରଭୁ ଶ୍ରୀବଳଭଦ୍ରଙ୍କ ନାକୁଆସି ବିଡ଼ିଆ ମା'ଙ୍କୁ ସବୁଦିନ ସନ୍ଧ୍ୟା ସମୟରେ ଲାଗିହୁଏ କେବଳ ମୂଳାଷ୍ଟମୀ ଠାରୁ ଦଶହରା ଯାଏ ପ୍ରଭୁଙ୍କ ବିଡ଼ିଆ ମା'ଙ୍କୁ ସମର୍ପଣ ହୁଏନାହିଁ । ମା'ଅଗ୍ନିମଣ୍ଡଳ ବାସିନୀ ପରମ କରୁଣାମୟୀ ମା ସଦା ହରି କୈବଲ୍ୟ ଲୋଲୁପିଣୀ ତେଣୁ ମାଆଙ୍କୁ ଦର୍ଶନ କରି ମନୁଷ୍ୟ ମୋକ୍ଷର ଭଗି ହୋଇଥାଏ । ଜୟ ଜୟ ଜଗନ୍ନାଥ ।

ଦୂରଭାଷ : ୬୩୭୧୫୮୦୫୨୪

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Wednesday October 29 ଭୁବନେଶ୍ୱର ବୁଧବାର, ୨୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ କଳିଙ୍ଗ ବାଲିଯାତ୍ରା ସାଂସ୍କୃତିକ କମିଟି ର ପ୍ରସ୍ତୁତି ବୈଠକ : ସ୍ଥାନୀୟ ଅନୁଷ୍ଠାନ କୁ ପ୍ରାଧାନ୍ୟ



ପାରାଦୀପ,(ପି.ଏନ): ଆସନ୍ତା ନଭେମ୍ବର ୪ ତାରିଖରେ ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା -୨୦୨୫ ପାଇଁ ପ୍ରସ୍ତୁତି ଜୋରସୋର ରେ ଆଗେଇ ଚାଲିଛି କ୍ଷ ଉଦଘାଟନୀ ଓ ଉଦଯାପନୀ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଯୋଗଦେଉଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ, ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଦେଖିବାକୁ ମିଳିଛି କ୍ଷ ସମୁଦ୍ର ବେଳାଭୂମି ଠାରେ ଆୟୋଜିତ ହେଉଥିବା ଏହି ମହୋତ୍ସବ ର ସମସ୍ତ ସଂଯୋଗୀକରଣ ରାସ୍ତା ପରିଷ୍କାର ଓ ମରାମତି କରାଯିବା ସହ ବ୍ୟାପକ ଆକର୍ଷଣୀୟ ବନିକରଣ ଏବଂ ଫୁଟପାଥ ଗୁଡିକୁ ରଙ୍ଗ ମରା କାର୍ଯ୍ୟ ଚାଲିଛି । ଚଳିତ ବର୍ଷ ବାଲିଯାତ୍ରାରେ ଓଲିଉଡ଼ ଓ ବଲିଉଡ ର ନାମିଦାମୀ କଣ୍ଠ ଶିଳ୍ପୀ ମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ ନିମନ୍ତେ ସୁଯୋଗ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନ ରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ କଳିଙ୍ଗ ବାଲିଯାତ୍ରା କମିଟି ର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ଅଧକ୍ଷତାରେ ବାଲିଯାତ୍ରା କମିଟିର ସାଂସ୍କୃତିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ଦିଲ୍ଲୀପ କୁମାର ଜେନା, ବାଲିଯାତ୍ରା କମିଟିର ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କ ସମେତ ଅନ୍ୟ କମିଟି ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ଅନୁଷ୍ଠାନ ଗୁଡିକୁ ଚୟନ କରିଥିଲେ ।

# ଜାହାଜ ଚିଫ ଇଂଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ବହୁମୁଖୀ ପଣ୍ୟବର୍ଥରେ ଏକ ଜାହାର ଚିଫ ଇଂଜିନିୟରଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ପାରାଦୀପ ବନ୍ଦରରେ ୭୨ହଜାର ୧୫୦ ମେଟ୍ରିକ୍ ଟନ୍ ପଣ୍ୟ ଖଲାସ କରିବାକୁ ଆସିଥିବା ଏମ.ଭି. ସାବରୀମଲାଇ ଜାହାଜରେ ଉ ର ପ୍ରଦେଶ ଲକ୍ଷ୍ନୌର ରାମ ଦିଲାର ଯାଦକ ଚିଫ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ ।

# ଆଜିର ଶିଶୁ ବୈଜ୍ଞାନିକ ଉପଯୁକ୍ତ ପରିବେଶ ପାଇଲେ ଭବିଷ୍ୟତ ରେ ଜଣେ ବୈଜ୍ଞାନିକ ହୋଇ ପାରିବ

ଭୁବନେଶ୍ୱର,(ପି.ଏନ): ଆଜି ବାଲିଅନ୍ତା ବ୍ଲକର ସତ୍ୟଭାମାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର, ଅଲାରପୁର ପ୍ରାଙ୍ଗଣରେ ଆଜି ସପ୍ତଦଶ ବିଜ୍ଞାନ ମେଳା ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହୋଇଯାଇଛି । ପ୍ରାତଃ ପର୍ଯ୍ୟାୟରେ ଅଙ୍କୁର ଶ୍ରେଣୀ ଠାରୁ ଦ୍ୱିତୀୟ ଶ୍ରେଣୀର ୧୨୯ ଟି ପ୍ରକଳ୍ପ ଓ ଦିବା ପର୍ଯ୍ୟାୟରେ ତୃତୀୟ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ର ୧୦୮ ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ବେହେରା , ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଶିବ ନାରାୟଣ ହୋତା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଶ୍ରୀମତୀ ଦିପ୍ତିମୟୀ ମିଶ୍ର ଶିକ୍ଷାବିତ୍ ଶ୍ରୀକାନ୍ତ କୁମାର ଦାଶ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ବିଭିନ୍ନ ବିଭାଗର ଶ୍ରେଷ୍ଠ ୩୯ ଟି ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରାଯାଇଥିଲା ।ଶିଶୁ ମନ୍ଦିରର ସଭାପତି ଶ୍ରୀଯୁକ୍ତ ବିଜୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗୁରୁମା ବୈଜୟନ୍ତୀ ରାଉତ, କୁନାମଣୀ ବାରିକ, ଲକ୍ଷ୍ମୀପ୍ରିୟା ମିଶ୍ର, ସସ୍ମିତା ସାହୁ, ଜାନକୀ ମହାପାତ୍ର ସହଯୋଗ କରିଥିଲେ । ସର୍ବ ଶେଷରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଢିଙ୍କିଆରେ ୧୬୩ ଧାରା ଜାରୀ- ବନ୍ଦ ହେଲା ଜଟାଧାର ବାଲିଯାତ୍ରା ମହୋତ୍ସବ

ପାରାଦୀପ,(ପି.ଏନ): ବିଗତ କିଛି ବର୍ଷ ହେବ ଜଟାଧାର ମୁହାଣ ବେଳାଭୂମିରେ ବାଲିଯାତ୍ରା ମହୋତ୍ସବ ଆୟୋଜିତ ହୋଇଆସୁଥିଲା । ଚଳିତ ବର୍ଷ ଯଦି ଏହି ମହୋତ୍ସବ ଆୟୋଜିତ ହୁଏ ତେବେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ଆଶଙ୍କା କରି ଅଭୟଚାନ୍ଦପୁର ଥାନା ଅଧିକାରୀ ଡି.ଆର. ନମ୍ବର-୧୩୫୧ ରେ ଏକ ଚିଠି ଜିଲ୍ଲା ପ୍ରଶାସନକୁ ଦେଇଥିଲେ । ଅଭୟଚାନ୍ଦପୁର ଥାନା ଅଧିକାରୀ ତାଙ୍କ ରିପୋର୍ଟରେ ବୋସକାଲିସ୍ ପଏ ଅଂଚଳରେ ଢିଙ୍କିଆ ସରପଂଚ ପିଙ୍କି ଦାସ, ତାଙ୍କ ସ୍ୱାମୀ ନୂତନ ଦାସ, ଜେଏସଡବ୍ଲ୍ୟୁ ବିରୋଧୀ ନେତା ମୁରଲୀଧର ସାହୁ, ଦେବେନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ ଶତପଥି ପ୍ରମୁଖ ଜଟାଧାର ମୁହାଣ ବେଳାଭୂମିରେ ବାଲିଯାତ୍ରା ମହୋତ୍ସବ ଆୟୋଜନ କରିବା ପାଇଁ ଚେଷ୍ଟା କରୁଥିଲେ । ଅପରପକ୍ଷରେ ଜେଏସଡବ୍ଲ୍ୟୁ ସମର୍ଥକମାନେ ମଧ୍ୟ ସମାନ ସ୍ଥାନରେ ବାଲିଯାତ୍ରା ଆୟୋଜନ କରିବାକୁ ଉଦ୍ୟମ କରୁଥିଲେ । ଯାହାକୁ ନେଇ ସେଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତ ବିପର୍ଯ୍ୟସ୍ତ ହେବାର ଆଶଙ୍କା ନେଇ ଡି.ଆର. ନମ୍ବର-୧୩୫୧ ରେ ଏକ ଚିଠି ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଥିଲେ । ଏହାକୁ ଆଧାର କରି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ବୋସକାଲିସ୍ ପଏ ଅଂଚଳରେ ତୁରନ୍ ଭାରତୀୟ ନାଗରିକ ସଂହିତାର ଧାରା ୧୬୩ ଜାରୀ କରିଛନ୍ତି । ଚଳିତ ମାସ ୩୧ ତାରିଖରୁ ନଭେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ପର୍ଯ୍ୟ' ଏହା ବଳବ ର ରହିବ ବୋଲି ଉପଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା୨୯/୨୦୨୫ରୁ ଜଣା ପଡିଛି । ଉକ୍ତ ଅଂଚଳରେ ୫ଜଣରୁ ଅଧିକ ଲୋକଙ୍କ ଏକତ୍ରିତ ହେବା ଉପରେ ରୋକ୍ ଲଗା ଯାଇଛି । ଗତ ରବିବାର ଦିନ ଉପଜିଲ୍ଲାପାଳ ପ୍ରଶାନ୍ କୁମାର ତରାଇଙ୍କ ପତ୍ର ସଂଖ୍ୟା ୨୮/ ୨୦୨୫ରେ ଢିଙ୍କିଆ ଗ୍ରାମ ପଂଚାୟତ ପଡିଆଠାରୁ ଫୁଲଖାଇ ମନ୍ଦିର ପର୍ଯ୍ୟନ୍ତ ଅଂଚଳରେ ଭାରତୀୟ ନାଗରିକ ସଂହିତାର ଧାରା ୧୬୩ ଜାରୀ କରାଯାଇଥିଲା । ଫଳରେ ଏଠାରେ କୌଣସି ସଭାସମିତି/ ୫ଜଣରୁ ।ଧିକ ଲୋକ ଏକଜୁଟ୍ ହେବା ଉପରେ ରୋକ୍ ଲଗାଯାଇଥିଲା । ଏହା ୨୭ ଅକ୍ଟୋବର ଟାରୁ ୨୭ ନଭେମ୍ବର ପର୍ଯ୍ୟନ୍ତ ଲାଗୁ ହୋଇଛି ।

# କେନାଲ ପାଣିରେ ଫୁଲିଲା ହାତୀ ନଦୀ, ବାତ୍ୟା ପାଣି ମିଶି ନେଇ ପାରେ ବନ୍ୟା ପରିସ୍ଥିତି

ଭୁବନେଶ୍ୱର,(ପି.ଏନ): ଚିରସ୍ରୋତା ହାତୀ ନଦୀ କଲମପୁର ମଧ୍ୟ ସ୍ଥଳରେ ପ୍ରବାହିତ ହେଉଛି,ଆସନ୍ନ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି,ଏ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପରୁ ଉଦବୃତ୍ତ ଜଳ କେନାଲ ଯୋଗେ ଚାଷୀଙ୍କ ଯୋଗାଇ ଯାଉଥିଲା , ବାତ୍ୟାକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗ କେନାଲରେ ଜଳ ଛାଡିବା ବନ୍ଦ କରିଦେଇ ସେହି ଜଳକୁ ଏବେ ହାତି ନଦୀରେ ନିଷ୍କାସନ କରାଯାଇଛି, ଫଳରେ ହାତୀ ନଦୀ ଫୁଲି ଉଠିବାରେ ଲାଗିଛି, ଏନେଇ ଇନ୍ଦ୍ରାବତୀ ସହକାରୀ ଯନ୍ତ୍ରୀ କେ ନାରାୟଣ ରାଓ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଲୋକଙ୍କୁ ସତର୍କ କରାଇଛନ୍ତି, ସେଥିରେ ଶ୍ରୀ ରାଓ ଉଲ୍ଲେଖ କରିଛନ୍ତି ଯେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ଶତ ପ୍ରତିଶତ ବୃଦ୍ଧି ପାଇବ, ଯେ କୌଣସି ସମୟରେ ଜଳଭଣ୍ଡାରରୁ ଜଳ ହାତୀ ନଦୀ ପଥ ଦେଇ ଜଳ ନିଷ୍କାସନ କରାଯିବ, ଏଣୁ ଏ ?ହି ସମୟରେ ହାତୀ ନଦୀ ଭିତରକୁ ନିଜେ ନ ପଶିବା ସହିତ ଗୃହ ପାଳିତ ପଶୁଙ୍କୁ ନ ଛାଡ଼ିବାକୁ ଉଲ୍ଲେଖ ରହିଛି, ହାତୀ ନଦୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରଠାରୁ ଚିରସ୍ରୋତା ପାଲଟିଛି,ବିଗତ ଦିନରେ ହାତୀ ନଦୀରେ ପ୍ରତି ବର୍ଷ ବନ୍ୟା ତାଣ୍ଡବ ଦେଖିବାକୁ ମିଳୁଥିଲା, ଏଥିରୁ ରକ୍ଷା କରିବା ସକାଶେ ତତ୍କାଳୀନ ସରକାର ଯୋଜନା ପ୍ରଣୟନ କରି ବିଭିନ୍ନ ପ୍ରକଳ୍ପ ଯୋଗାଇ ଦେଲେ, ଫଳରେ ବନ୍ୟା ଦାଉରୁ ଅଞ୍ଚଳବାସୀ ହୋଇଛନ୍ତି, ସେତେବେଳେ ଟେମରା, ବିରିପୁର, ମାଟିଖାଲ, ଜାମପଡା,କର୍ମେଲ, ବାଲିଛଡା ଆଦି ଜଳ ପ୍ଲାବିତ ହୋଇ ସେଠାକାର ଅଧିବାସୀ ମାନେ ଜଳବନ୍ଦୀ ଜୀବନ ବିତାଉ ଥିଲେ, ଆସନ୍ନ ବାତ୍ୟାକୁ ନେଇ କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇ ଯାଇଛି,ଆମ ବିଭାଗ ସମେତ ସମସ୍ତ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି, ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଆମେ ସକ୍ଷମ ବୋଲି ମତ ପ୍ରକାଶ କରିଛନ୍ତି,କାଁଭାଁ ଝିପିଝିପି ସାମାନ୍ୟ ବର୍ଷାକୁ ଛାଡ଼ିଦେଲେ ଅଞ୍ଚଳରେ ପାଗ ଶୁଖିଲା ଓ କୋହଲା ରହିଛି, ଯଦିଓ ବର୍ଷାର ପ୍ରଭାବ ସେତେଟା ପଡ଼ିନଥିଲେ ମଧ୍ୟ ହାତୀ ନଦୀରେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳ ପ୍ରବାହିତ ହେବାରୁ ନଦୀ ବୁଲିବାକୁ ଲାଗିଛି, ଏଥିରେ ବାତ୍ୟା ଜଳ ପ୍ରବେଶ କଲେ କୂଳଲଂଘିବା ସମ୍ଭାବନା ଥିବାରୁ ନଈକୂଳିଆ ଅଞ୍ଚଳବାସୀଙ୍କ ମହଲରେ ଛନକା ପଶିଛି ।

# ପାରାଦୀପରେ ପୁଣି ଏକ ଜାହାଜ ଗିରଫ- ଆଙ୍କରେଜ୍ ଏରିଆରେ ରହିବାକୁ କୋର୍ଟ ନିର୍ଦ୍ଦେଶ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରକୁ ଋଷିଆରୁ କୁକିଙ୍ଗ କୋଲ୍ ଆଣି ଆସିଥିବା ଏକ ଜାହାଜ ଏମ.ଭି. ମ୍ୟାଗନେଟ୍ ଟିମ୍ କୁ ଗିରଫ କରିବା ପାଇଁ ଓଡିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛଁ । ଏହି ଜାହାଜ ଉପରେ ସିଲ୍କ ରୋଡ୍ ସିପିଂ ଆଣ୍ଡ ଚାର୍ଟରିଂ ସଂସ୍ଥାର ପ୍ରାୟ ୨କୋଟି ୧୧ଲକ୍ଷ ୮୨ହଜାର ୬୫୬ ଟଙ୍କା ବକେୟା ରହିଥିଲା । ଦୀର୍ଘ ଦିନ ଧରି ସଂପୃକ୍ତ ଜାହାଜର ମାଲିକ ବକେୟା ଅର୍ଥ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଥିଲେ । ବାଧ୍ୟ ହୋଇ ସିଲ୍କ ରୋଡ୍ ସିପିଂ ଆଣ୍ଡ ଚାର୍ଟରିଂ ସଂସ୍ଥା ପକ୍ଷରୁ ଅଦାଲତର ଆଶ୍ରୟ ନିଆଯାଇଥିଲା । ଜାହାଜଟି ପାରାଦୀପ ଆସିଥିବା ଜାଣିବା ପରେ ସିଲ୍କ ରୋଡ୍ ସିପିଂ ଆଣ୍ଡ ଚାର୍ଟରିଂ ସଂସ୍ଥା ପକ୍ଷରୁ ଓଡିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯାଇଥିଲା । ଏବଂ ଜାହାଜଟି ପାରାଦୀପ ବନ୍ଦର ଛାଡିବା ପୂର୍ବରୁ ତୁର' ଏହାକୁ ଗିରଫ କରିବାକୁ ମାନ୍ୟବର ନ୍ୟାୟାଳୟରେ ପ୍ରାର୍ଥନା ଦାଖଲ କରାଯାଇଥିଲା । ଏହାର ତ୍ୱରିତ ଶୁଣାଣୀ କରି ମାନ୍ୟବର ବିଚାରପତି ତଥା ଆଡମିରାଲିଟି ଜଷ୍ଟିସ ଭି. ନରସିଂହ ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଘଟଣା ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ ଜାହାଜର ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମିଳିବା ପରେ ଜାହାଜ ଏମ.ଭି. ମ୍ୟାଗନେଟ୍‌କୁ ଗିରଫ କରାଯାଇଛି । ଆସ'। ଡିସେମ୍ବର ମାସ ପହିଲାରେ ମାମଲାର ପରବ 1 ଶୁଣାଣି ହେବ, ସେ ପର୍ଯ୍ୟ' ଜାହାଜଟି ପାରାଦୀପ ବନ୍ଦର ଆଙ୍କରେଜ୍ ଏରିଆରେ ରହିବ । ସିଲ୍କ ରୋଡ୍ ସିପିଂ ଆଣ୍ଡ ଚାର୍ଟରିଂ ସଂସ୍ଥା ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଯଦି ରାୟ ମିଳିବାରେ ବିଳମ୍ବ ହୋଇଥା'। ତେବେ ମଙ୍ଗଳବାର ଦିନ ସଂପୃକ୍ତ ଜାହାଜ ପାରାଦୀପ ବନ୍ଦର ଛାଡି ଦେବାର ସମ୍ଭାବନା ଥିଲା । ହାଇକୋର୍ଟଙ୍କ ଏହି ଅ'ରୀଣ ଆଦେଶ ପରେ ଯଦି ଜାହାଜର କୌଣସି ସମଗ୍ରୀ ଖଲାସ ହେବାର ଥିବ ତେବେ ଏହାକୁ ଖଲାସ କରିବାରେ କୌଣସି ଅ'ରାୟ ହେବ ନାହିଁ ବୋଲି ମାନ୍ୟବର ଅଦାଲତ ନିର୍ଦ୍ଦେଶରୁ ଜଣା ପଡିଛି ।

# ଜଳ ସଂପଦ ବିଭାଗର କାର୍ଯ୍ୟରତ ଓ ଅବସରପ୍ରାପ୍ତ ୱାର୍କ ଚାର୍ଜଡ ୱେଜେସ୍ ରେଗୁଲାର କର୍ମଚାରୀଙ୍କ ଜରୁରୀ ବୈଠକ



ଫୁଲନଖରା,(ପି.ଏନ) : ରାଜ୍ୟ ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ କାର୍ଯ୍ୟରତ ୱାର୍କଡ଼ ଚାର୍ଜ ଓ ୱେଜେସ ରେଗୁଲାର କର୍ମଚାରୀ ସଂଘର ରାଜ୍ୟ ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ କାର୍ଯ୍ୟରତ ୱାର୍କ ଚାର୍ଜଡ଼ ଓ ୱେଜସ ରେଗୁଲାର କର୍ମଚାରୀ ସଂଘର୍ଷ ସମିତି, ଭୁବନେଶ୍ୱରଙ୍କ ପକ୍ଷରୁ ଏକ ମିଳିତ ବୈଠକ ଆବାହକ ମନୋଜ କୁମାର ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତି ବିଜୟ କୁମାର ମହାରଣା ଅଧକ୍ଷତା କରିଥିବା ସ୍ଥଳେ ସମ୍ପାଦକ ନରେଶ ଚନ୍ଦ୍ର ଭଞ୍ଜ ବିବରଣୀ ପାଠ କରିଥିଲେ । ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଅବସରପ୍ରାପ୍ତ କାର୍ଯ୍ୟରତ ୱାର୍କ ଚାର୍ଜଡ଼ ଓ ୱେଜେସ ରେଗୁଲାର କର୍ମଚାରୀ ଯେଉଁମାନେ ତା.୧୨.୪.୧୯୯୩ ରିଖ ପୂର୍ବରୁ ଥିବା ୫୭୦୨ ବ୍ରଟଓଭର ୱାର୍କଡ଼ କର୍ମଚାରୀଙ୍କର ପୁରୁଣା ପେନସନ ଓସିଏସ (ପି) ନିୟମ ୧୯୯୨ ଅନୁଯାୟୀ ପ୍ରଦାନ କରିବା, ପି.ଜି ଏକ୍ଟ ୧୯୭୨ ଅନୁଯାୟୀ ଗ୍ରାଚୁ୍ୟଇଟି ଆଦି ପ୍ରଦାନ କରିବା,ୱାର୍କଡ଼ ଚାର୍ଜରୁ ୱେଜେସ ରେଗୁଲାର ହୋଇଥିବା କର୍ମଚାରୀଙ୍କୁ ୱାର୍କଡ଼ ଚାର୍ଜ ସମୟକୁ ହିସାବ କରି ଅବ୍ୟବହୃତ ଛୁଟି ଦରମା ପ୍ରଦାନ କରିବା ଓ ତା.୧.୩.୨୦୦୯ ରିଖ ଠାରୁ ୱାର୍କଡ଼ ଚାର୍ଯ୍ୟକୁ ବ୍ରଟଓଭର ହୋଇଯାଇଥବା ଏରିୟର ସାଲାରୀ ରିକୋଭରୀ ବନ୍ଦ କରିବା ଏବଂ ଏରିୟର ସାଲାରୀ ପାଇ ନଥିବା କର୍ମଚାରୀଙ୍କୁ ତାଙ୍କ ପ୍ରାପ୍ୟ ପୈଠ କରିବା ସମ୍ବନ୍ଧରେ ସରକାର ଯଦି ବିହିତ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଜଳ ସମ୍ପଦ ବିଭାଗ କର୍ମଚାରୀଙ୍କ ପକ୍ଷରୁ ବିଧାନସଭା ସମ୍ମୁଖରେ ବିଶାଳ ଗଣଧାରଣା ଏବଂ ଆମରଣ ଅନଶନ ଦିଆଯିବା ସମ୍ପର୍କରେ ମତାମତ ଦେଇଥିଲେ । ଯଦି ସରକାର ଉପରୋକ୍ତ ଦାବୀ ଶୀଘ୍ର ପୂରଣ ନ କରନ୍ତି ତେବେ ଏ ସମ୍ବନ୍ଧରେ ସରକାର ଦାୟୀ ରହିବେ ବୋଲି ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ଭଞ୍ଜ,ଅଜିତ କୁମାର ଦାସ,ସଭାପତି ବିଜୟ କୁମାର ମହାରଣା,ମନୋଜ କୁମାର ପତି,ପ୍ରସନ୍ନ କୁମାର ପ୍ରଧାନ,ସନ୍ତୋଷ କୁମାର ପତି,ବିଶ୍ୱ ବିହାରୀ ବିଶ୍ୱାଳ, ଦିଲ୍ଲୀପ କୁମାର ଦାସ,ମଙ୍ଗଳ ପଣ୍ଡିତ ଓ ଉଦୟ କୁମାର ଜେନା ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray